୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Vol.27. No.47 Bhubaneswar Friday March 28 2025 | ୨୭ତମ ବର୍ଷ ସଂଖ୍ୟା-୪୭ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ନାରୀ ନ୍ୟାୟ ପାଇଁ ରାଜ୍ୟ କଂଗ୍ରେସ ବିଧାନସଭା ଘେରାଉ କଲା









ଭୁବନେଶ୍ୱର, ୨୭ ।୩(ପି.ଏନ): ରାଜ୍ୟରେ ମହିଳା ତଥା ଅପ୍ରାପ୍ତ ବୟସ୍କା ଛାତ୍ରୀମାନଙ୍କର ସୁରକ୍ଷା ଦାବିରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ହଜାର ହଜାର ମହିଳା କଂଗ୍ରେସ ନେତୃବନ୍ଦ, କର୍ମୀ ଓ ଶୁଭେଚ୍ଛୁଙ୍କ ସହିତ ସମସ୍ତ ଜିଲ୍ଲାପତି, ବିଧାୟକ, ସାଂସଦ, ପୂର୍ବତନ ପିସିସି ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ସମସ୍ତ ବିଭାଗ ପ୍ରକୋଷ୍ଠର ଛାମୁଆ ସଂଗଠନର ନେତୃବୃନ୍ଦମାନେ ଆଜି ଭୁବନେଶ୍ୱରର ଲୋଏର ପିଏମ୍‌ଜିରେ ଥିବା ସଭାସ୍ଥଳିରେ ଏକତ୍ରିତ ହୋଇଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ, ଏକ ବିଶାଳ ରାଲିରେ ରାମମନ୍ଦିର ଛକରୁ ବାହାରି ଜନପଥ ଦେଇ ବିକ୍ଷୋଭ ସ୍ଥଳରେ ପଂହଚିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ହଜାର ହଜାର କଂଗ୍ରେସ କର୍ମୀ, ନେତୃବୃନ୍ଦ ରାମମନ୍ଦିର ଠାରୁ ଜନପଥ ଦେଇ ବିକ୍ଷୋଭ ସ୍ଥଳରେ ସାମିଲ ହୋଇଥିଲେ। ଓଡ଼ିଶାର ରାଜନୈତିକ ଇତିହାସରେ ମହିଳାମାନଙ୍କ ଅଧିକାର ଓ ନ୍ୟାୟ ପାଇଁ ଆଜି ସଭାସ୍ଥଳରେ କେବଳ ମହିଳା ନେତୃବୃନ୍ଦ ପରିଚାଳନା କରିଥିଲେ। ରାଜ୍ୟରେ ହୁ ହୁ ହୋଇ ବଢ଼ିଚାଲିଥିବା ଧର୍ଷଣ, ଗଣଧର୍ଷଣ ଓ ବର୍ବରଚିତ କାଣ୍ଡ ବିରୋଦ୍ଧରେ ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ହେମ୍ବ୍ରମ, ଶୁସିଲା ତିରିଆ, ମିନାକ୍ଷି ବାହିନିପତି, ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ମନଶା ତ୍ରିପାଠୀ, ମଧୁସ୍ମିତା ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ସୋନାଲୀ ସାହୁ, ପ୍ରଣତି ମିଶ୍ର, ଗୀତାଞ୍ଜଳି ମହାନ୍ତି ଓ ଅନ୍ୟମାନେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବଖାଣିଥିଲେ। ପ୍ରଦେଶ କଂଗ୍ରେସ ସାଭାପତି ଭକ୍ତଚରଣ ଦାସ ରାଜ୍ୟବାସୀଙ୍କୁ ଆହ୍ୱନ ଦେଇ କହିଥିଲେ ଯେ, ଓଡ଼ିଶାର ନାରୀ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ତା'ର ଆନ୍ଦୋଳନ ଜାରି ରଖିବ। ରାଜ୍ୟରେ ବିଜେପି ସରକାର ସମୟରେ ପ୍ରତିଦିନ ୮ ଜଣ ମହିଳା ଧର୍ଷିତା ହେଉଛନ୍ତି। ରାଜ୍ୟରେ ୪୪,୮୨୪ ମହିଳା ଓ ଅପ୍ରାପ୍ତ ବୟସ୍କା ଛାତ୍ରୀମାନେ ନିଖୋଜ ଅଛନ୍ତି। ଏ ସରକାର ସେମାନଙ୍କ ପ୍ରତି ଟିକେ ଚିନ୍ତା ନାହିଁ। ରାଜ୍ୟରେ ଘଟିଯାଇଥିବା ଏବଂ ଘଟୁଥିବା ଧର୍ଷଣ ଓ ଗଣଧର୍ଷଣ କୁ ତଦନ୍ତ କରିବା ପାଇଁ କଂଗ୍ରେସ ବିଧାୟକ ଦଳ ଏକ ଗୃହ କମିଟି ଦାବି କଲା। ଏହାର କ'ଣ ଆମର ଭୁଲ ଥିଲା କି? ଦୀର୍ଘ ଦିନ ଧରି ମହିଳାମାନେ ଅତ୍ୟାଚାରିତ ହେଉଛନ୍ତି। ରାଜ୍ୟ ଆଜି ଏକ ହିଂସା ପ୍ରବଣ ରାଜ୍ୟ ରୂପେ ହୋଇସାରିଛି। ମହିଳାମାନଙ୍କ ପାଇଁ ଆଜି ଏ ରାଜ୍ୟ ଆଦୌ ନିରାପଦ ନୁହେଁ। ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ ଲଲ୍ଲୁ ଜୀ କଂଗ୍ରେସ କର୍ମୀମାନଙ୍କ ଉଦ୍ଦ୍ୟେଶରେ କହିଥିଲେ ଯେ, ଓଡ଼ିଶା ଆଜି ମହିଳାମାନଙ୍କ ପାଇଁ ଏକ ନିରାପଦ ନୁହେଁ। ବିଜେପିର ବେଟି ପଢ଼ାଓ ଓ ବେଟି ବଚାଓ ନାରା ଓଡ଼ିଶାରେ କେବଳ ନାରାବାଜିରେ ହିଁ ରହିଯାଇଛି। ଏଠାରେ ପାଞ୍ଚ ଓ ସାତ ବର୍ଷର ଝିଅମାନେ ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଓଡ଼ିଶା ଦୁଷ୍କର୍ମକାରୀମାନଙ୍କ ଚରାଭୂଇଁ ପାଲଟିଛି। ବିକ୍ଷୋଭ ଚାଲୁଥିବାବେଳେ କଂଗ୍ରେସ କର୍ମୀମାନଙ୍କ ସହ ପୁଲିସ୍‌ର ବାରିକେଡ୍ ଠାରେ ଧସ୍ତାଧସ୍ତି ହୋଇଥିଲା। ରାଜ୍ୟ ସରକାରଙ୍କ ଇସାରାରେ ପୁଲିସ ଆଜି ରକ୍ତମୁହାଁ ହୋଇ କଂଗ୍ରେସ କର୍ମୀମାନଙ୍କୁ ନିର୍ମମ ଭାବେ ଲାଠି ଚାର୍ଜ କରି ପ୍ରହାର କରିଛନ୍ତି। ଏହା ଫଳରେ ୫୦ ରୁ ଅଧିକ କର୍ମୀଙ୍କର ଗୁରୁତ୍ୱର ଭାବରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କଂଗ୍ରେସ କର୍ମୀ ଓ ନେତୃବର୍ଗଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ସହିତ ଲୁହବୁହା ଗ୍ୟାସ ଛାଡ଼ିଲେ। ଖାଲି ସେତିକିରେ ପୁଲିସ ଶାନ୍ତ ପଡ଼ିଲା ନାହିଁ ପୁଣି ଫାଙ୍କା ଗୁଳିଚାଳନା କଲେ। ଆଜି ଏପରିକି ମହିଳା କଂଗ୍ରେସ କର୍ମୀମାନଙ୍କୁ ନିର୍ମମ ଭାବେ ଲାଠି ପ୍ରହାର କରିଛନ୍ତି। ସକାଳୁ କଂଗ୍ରେସ ନେତୃବର୍ଗ ମାନସ ଚୌଧୁରୀ, ଯୁବଛାତ୍ର କର୍ମୀମାନଙ୍କୁ ଗିରଫ କରି ଚନ୍ଦକା ଥାନାରେ ଅଟକ ରଖିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଏଆଇସିସି ସହ ପ୍ରଭାରୀ ରୋଜାଲିନୀ ତୀର୍କି, ପୂର୍ବତନ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲ୍‌କା, ତାରାପ୍ରସାଦ ବାହିନିପତି, ମହମ୍ମଦ ମୁକିମ୍, ସୁରେଶ ରାଉତରାୟ,ଶରତ ରାଉତ, ରମେଶ ଜେନା, ଅନନ୍ତ ପ୍ରସାଦ ସେଠୀ, ଅମର ପ୍ରଧାନ, ରାଜନ ଏକ୍କା, ଦାଶରଥି ଗମାଙ୍ଗୋ, ସୋଫିଆ ଫିରଦୋଷ, ପବିତ୍ର ସାଉଁଟା, ମଙ୍ଗୁ ଖିଲ, ସାଗର ଦାସ, ସତ୍ୟଜିତ ଗମାଙ୍ଗୋ, ପ୍ରଫୁଲ ପ୍ରଧାନ, କାଡ୍ରାକା ଆପାଲସ୍ୱାମୀ, ନବଜ୍ୟୋତି ପଟ୍ଟନାୟକ, ନିଳମାଧବ ହିକ୍କା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାସ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ୟାସିରେ ନୱାଜ, ଉଦିତ୍ ପ୍ରଧାନ, ସୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାସ, ସମୀର ରାଉତରାୟ, କିଶୋର ଜେନା, ବିଶ୍ୱରଞ୍ଜନ ମହାନ୍ତି, ମାନସ ଆଚାର୍ଯ୍ୟ, ରଜନୀ ମହାନ୍ତି, ମହମ୍ମଦ ଇମ୍‌ଦାଦ୍, ମନୋଜ ଜେନା, ମନୋଜ ବିଶ୍ୱାଳ, ମନୋଜ ରାଉତ, ସିଦ୍ଧାର୍ଥ ଦାସ, ସୁଧାଂସୁ ଦେଓ, ରବି ସେଠୀ, ଲଲାଟେନ୍ଦୁ ମହାପାତ୍ର, ନିହାର ବେହେରା, କିରଣ ସାହୁ, ସୁଦିପ୍ତ ସାମଲ, ସ୍ୱାଗତ କର, ଅଭିଳାଷ ମାଣିଆ, ପୃଥିବୀବଲ୍ଲଭ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅଜୟ ସାହୁ, ଗୋପନ ମାର୍ଥା, ଅମୀୟ ପାଣ୍ଡବ, ମିଳନ ପଟ୍ଟନାୟକ, ବଟକୃଷ୍ଣ ରାଉତରାୟ, ବଳରାମ ନନ୍ଦ, ପ୍ରକାଶ ଜେନା, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ସୁରଜ ରାଉତ, ମୋହନ ନାୟକ, ସୁବ୍ରତ ମହାପାତ୍ର, ସୁନେଶ୍ ଧିର, ଅମରେଶ ପରିଡ଼ା, ଯୋଗିନାଥ ବାହୁବଳେନ୍ଦ୍ର, ଶାହାରୁଖ୍ ଖାନ୍ ପ୍ରସନ୍ନ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସର ଆହତ ହୋଇ ଚିକିତ୍ସିତ ହୋଇଥିବା କର୍ମୀମାନେ ହେଲେ ସସ୍ମିତା ପଣ୍ଡା, ମହମ୍ମଦ ସାହାଦୁଲା, ଲିପ୍‌ସା ନାୟକ, ଜୟଶ୍ରୀ ପାତ୍ର, ଶ୍ରୀୟାସ୍ମିତା ପଣ୍ଡା, ଶୀଲ୍ପିଶ୍ରୀ ହରିଚନ୍ଦନ ଓ ଲିପିକା ପାତ୍ର ପ୍ରମୁଖ। ଏମାନଙ୍କ ସହ ବହୁ କଂଗ୍ରେସ କର୍ମୀ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ଜିଲ୍ଲା କଂଗ୍ରେସ ସଭାପତି, ପୂର୍ବତନ ବିଧାୟକ, ପୂର୍ବତନ ସାଂସଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଭିଜିଲାନ୍ସ ଜାଲରେ ଅଙ୍ଗନୱାଡି ସୁପରଭାଇଜର୍

କୋରାପୁଟ, ୨୭ ।୩(ପି.ଏନ): ରାଜ୍ୟରେ ଦୁର୍ନୀତି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରତିଦିନ କେହି ନା କେହି ଅଧିକାରୀ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି । ଏହାରି ମଧ୍ୟରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅଙ୍ଗନୱାଡି ସୁପରଭାଇଜର ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସୂଚନା ମୁତାବକ, ଅଙ୍ଗନୱାଡି ସୁପରଭାଇଜର ରେଣୁକା ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡିଛନ୍ତି । ୫୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି । ଏହି ମାମଲାକୁ ନେଇ ଅଧିକ ଛାନଭିନ୍ କରାଯାଉଛି ।

## ଠକ ସ୍କୁଲ ପ୍ରତି ହୁଅ ସାବଧାନ୍! ଦେଇପାରିବେନି ପରୀକ୍ଷା, ଏପରି ଆଲର୍ଟ କଲା ସିବିଏସଇ

ଭୁବନେଶ୍ୱର, ୨୭ ।୩(ପି.ଏନ): ଆଜିକାଲି ସବୁକ୍ଷେତ୍ରରେ ଠକାମୀ ଚାଲିଛି । ସେତେଣିକି ଶିକ୍ଷା କ୍ଷେତ୍ର ହେଉ ବା ଅନଲାଇନ୍ ଟ୍ରାଞ୍ଜାକ୍ସନ । ଏହାରି ମଧ୍ୟରେ ସିବିଏସଇ ପକ୍ଷରୁ ଅଭିଭାବକ ଓ ପିଲାମାନଙ୍କୁ ଆଲର୍ଟ କରାଯାଇଛି । ସିବିଏସଇର କହିବା ମୁତାବକ, ସିବିଏସଇ ଆଫିଲିଏସନ ନଥିଲେ ପରୀକ୍ଷା ଦେଇପାରିବେନି ।

## ୮ବର୍ଷ ପରେ ବି ଖଣି କମ୍ପାନୀ ଦେଇନାହାନ୍ତି ୨୭୨୦କୋଟି ଟଙ୍କା, ନିଲାମ ହେବ ଆଉ ୨୨ଖଣି

ଭୁବନେଶ୍ୱର, ୨୭ ।୩(ପି.ଏନ): ରାଜ୍ୟରେ ବହୁଚର୍ଚ୍ଚିତ ଖଣି ଦୁର୍ନୀତି ଓ ବେଆଇନ ଖଣି କାରବାରରେ ସମ୍ପୃକ୍ତ ଖଣି କମ୍ପାନୀଗୁଡିକଠାରୁ ଏବେବି ୨୭୧୯.୮୭କୋଟି ଟଙ୍କା ଜୋରିମାନାର ଆଦାୟ ହୋଇପାରିନି । ପ୍ରାୟ ୮ବର୍ଷ ତଳେ ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ୨୩ଟି ଖିଲାପୀ ଖଣି କମ୍ପାନୀଗୁଡିକଠୁ ୨୭୨୦କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଛନ୍ତି । ଓପିଡିଆର ଆକ୍ଟ-୧୯୬୨ର ପ୍ରାବଧାନ ଆଧାରରେ ସାର୍ଟିଫିକେଟ୍ କେସ୍ ଚାଲିଛି ଚାଲିଛି କହି ସରକାର ଚୁପ୍ ବସି ପଡିଛନ୍ତି । ବେଆଇନ ଖଣି କାରବାରରେ ଲିପ୍ତ ଥାଇ ବର୍ଷବର୍ଷ ଧରି କୋଟିକୋଟି ଟଙ୍କା ଉପାର୍ଜନ କରିଥିବା ଏହି ଖଣି କମ୍ପାନୀ ଓ ସେମାନଙ୍କର ପ୍ରମୋଟରଙ୍କଠୁ ଆବଶ୍ୟକ ଜୋରିମାନା ଟଙ୍କାକୁ ସୁଧ ସହ ଆଦାୟ କରିବା ନିମନ୍ତେ କାହିଁକି ସରକାର କଠୋର ଆଭିମୁଖ୍ୟ ପୋଷଣ କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଅବଶ୍ୟ ରାଜ୍ୟର ବିଜେପି ସରକାର ଏବେ ଆଉ ୩୦ଟି ଖଣିକୁ ଲିଜ୍ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେଥିରୁ ୮ଟି ଖଣିର ଟେଣ୍ଡର ଡକା ସରିଥିବାବେଳେ ବାକି ୨୨ଟି ଖଣିର ଟେଣ୍ଡର ଚଳିତବର୍ଷ



ଡାକିବେ ବୋଲି ଜଣାପଡିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ଜୋରିମାନା ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କମିଟି(ସିଇସି)ଙ୍କ ୧୭୮ପୃଷ୍ଠାର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୁପ୍ରିମକୋର୍ଟ ୨୦୧୭ ଅଗଷ୍ଟ ୨ତାରିଖରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କଲେ । ପୂର୍ବରୁ ତଦନ୍ତ କରିଥିବା ଜଷ୍ଟିସ ଏମବି ଶାହ କମିଶନଙ୍କ ରିପୋର୍ଟକୁ ଖଣି କମ୍ପାନୀଗୁଡିକ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ସୁପ୍ରିମକୋର୍ଟ ଏହି ସିଇସିଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ୨୦୦୦-୦୧ରୁ ୨୦୧୦-୧୧ ମସିହା ମଧ୍ୟରେ ହୋଇଥିବା ବେଆଇନ ଖଣି କାରବାରର ଯାଂଚ କରି ସିଇସି ୧୭୮ପୃଷ୍ଠାର ରିପୋର୍ଟ ଦେଇଥିଲେ ।ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ ଓ ଜଙ୍ଗଲ ଅନୁମତି ଉଲ୍ଲଙ୍ଘନ କରି ଖଣି ଖନନ କରିଥିବା ଯୋଗୁ ଖଣି କମ୍ପାନୀଗୁଡିକ ଉପରେ ରାଜ୍ୟ ସରକାର ୧୮୧୬୯.୧୪କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିଥିଲେ । ସେଥିରୁ ୧୬୧୦୩.୯୬କୋଟି ଟଙ୍କା ଆଦାୟ ହୋଇସାରିଛି । ସେହିପରି ମାଇନିଂ ପ୍ଲାନ ଓ ଖଣି ଖନନ ଅନୁମତିକୁ ଉଲ୍ଲଘଂନ କରିଥିବା ଯୋଗୁ ୧୮୯୦.୮୩କୋଟି ଟଙ୍କା ଜୋରିମାନା ଧାର୍ଯ୍ୟ ହୋଇଥିଲା । ଯେଉଁଥିରୁ ୧୧୦୧.୬୯କୋଟି ଟଙ୍କା ଆଦାୟ ହୋଇସାରିଛି। ଏହି ଉଭୟ ପ୍ରକାରର ଜୋରିମାନା ମଧ୍ୟରୁ ୨୩ଟି ଖିଲାପୀ କମ୍ପାନୀ ଉପରେ ବାକି ଥିବା ୨୭୧୯.୮୭କୋଟି ଟଙ୍କାର ଜୋରିମାନାକୁ ଆଦାୟ କରିବା ନିମନ୍ତେ ୨୦୧୮ ମସିହାରୁ ରାଜ୍ୟ ସରକାର ଓପିଡିଆର ଆକ୍ଟ-୧୯୬୨ର ପ୍ରାବଧାନ ଆଧାରରେ ସାର୍ଟିଫିକେଟ୍ କେସ୍ କରିଛନ୍ତି । ମାତ୍ର ଏହି ଜୋରିମାନା ଟଙ୍କା ସମ୍ପୃକ୍ତ ୨୩ଟି କମ୍ପାନୀଠୁ କିଭଳି ଆଦାୟ କରାଯିବ ସେ ନେଇ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେଇ କେବଳ କେସ୍ କରିଦେଇ ଚୁପ୍ ବସିଯାଇଛନ୍ତି । ଆଉ ପରୋକ୍ଷରେ ଏହି ଖଣି କମ୍ପାନୀଗୁଡିକୁ ନିଜର ଉପାର୍ଜିତ ବେଆଇନ ଅର୍ଥକୁ ନାନାଦି ଆଳ ଦେଖାଇ ଅନ୍ୟତ୍ର ବିନିଯୋଗ କରିବାର ସୁଯୋଗ ମଧ୍ୟ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୨୦୦୦-୦୧ରୁ ୨୦୧୦-୧୧ ମସିହା ମଧ୍ୟରେ ଖଣି ଦୁର୍ନୀତିର ଯାଂଚ କରିଥିବା ଏମବି ଶାହ କମିଶନଙ୍କ ରିପୋର୍ଟ ପରିବର୍ତ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ପିଭି ଜୟକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି(ସିଇସି)ଙ୍କ ରିପୋର୍ଟ ଓ ସୁପ୍ରିମକୋର୍ଟଙ୍କ ୨୦୧୭ ଅଗଷ୍ଟ ୨ତାରିଖର ନିର୍ଦ୍ଦେଶ ପାଳନ କରି ରାଜ୍ୟ ସରକାର ଏହି ବେଆଇନ ଖଣି କାରବାରରେ ଲିପ୍ତ ଥିବା କମ୍ପାନୀଗୁଡିକୁ ଜୋରିମାନା ନୋଟିସ୍ ଜାରି କରିଥିଲେ।

## ଆମାଜନ ଓ ଫ୍ଲିପକାର୍ଟ ଗୋଦାମ ଉପରେ ଚଢ଼ଉ: ୭୬ଲକ୍ଷ ଟଙ୍କାର ଖରାପ ମାଲ ଜବତ କଲା

ନୂଆଦିଲ୍ଲୀ, ୨୭ ।୩(ପି.ଏନ): ଇଣ୍ଡିଆନ ବ୍ୟୁରୋ ଅଫ ଷ୍ଟାଣ୍ଡାର୍ଡ (ବିଆଇଏସ) ଖାଉଟି ସୁରକ୍ଷା ଓ ଉତ୍ପାଦର କ୍ୱାଲିଟି କାୟମ ରଖିବା ପାଇଁ ଇ-କମର୍ସ ଦିଗ୍ଗଜ ଆମାଜନ ଓ ଫ୍ଲିପକାର୍ଟ ଗୋଦାମ ଉପରେ ଚଢ଼ଉ କରିଛି। ଏହି ଚଢ଼ଉ କାଳରେ ହଜାର ହଜାର ନିମ୍ନମାନର ସାମଗ୍ରୀ ଜବତ ହୋଇଛି। ଏହି ସାମଗ୍ରୀ ଗୁଡିକର କ୍ୱାଲିଟି ନେଇ ଆବଶ୍ୟକ ସାର୍ଟିଫିକେଟ ନଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ ବିଆଇଏସ୍ ଦୀର୍ଘ ୧୫ ଘଣ୍ଟା କାଳ ଧରି ଚଢ଼ଉ କରିଥିଲା।ବିଆଇଏସ ଅଧିକାରୀମାନେ ଦିଲ୍ଲୀର ମୋହନ କୋ-ଅପରେଟିଭ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ରେ ଥିବା ଆମାଜନ ସେଲର୍ସ ପ୍ରାଇଭେଟ ଲିମିଟେଡର ଗୋଦାମ ଉପରେ ଚଢ଼ଉ କରିଥିଲେ। ଏହି ଚଢ଼ଉ କାଳରେ ଗିଜର, ଫୁଡ ମିକ୍ସର ଆଦି ୩,୫୦୦ରୁ ଅଧିକ ଇଲେକ୍ଟ୍ରିକାଲ ଉତ୍ପାଦ ଜବତ କରିଛନ୍ତି। ଜବତ ସାମଗ୍ରୀର ମୋଟ ବଜାର ମୂଲ୍ୟ ୭୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ବିଆଇଏସ୍ ଫ୍ଲିପକାର୍ଟର ସହଯୋଗୀ ସଂସ୍ଥା ଇଂଷ୍ଟାକାର୍ଟ ସର୍ଭିସେସ୍ ଗାଦାମ ଉପରେ ମଧ୍ୟ ଚଢ଼ଉ କରିଛି।ଏହି ଚଢ଼ଉରେ ୫୯୦ ହଳ ସ୍ପ?ର୍ଟସ ଫୁଟୱେର ଜବତ କରାଯାଇଛି। ଏହି ଉତ୍ପାଦଗୁଡିକରେ ଆବଶ୍ୟକ ମେନୁଫେକ୍‌ଚରରଙ୍କ ଚିହ୍ନ ନଥିଲା। ଏଣୁ ଏ ଗୁଡିକର କ୍ୱାଲିଟି ସନ୍ଦିଗ୍ଧ ଥିଲା। ଜବତ କରାଯାଇଥିବା ଜୋତାର ମୋଟ ବଜାର ମୂଲ୍ୟ ଅନୁନ୍ୟ ୬ ଲକ୍ଷ ଟଙ୍କା ଆକଳନ କରାଯାଇଛି। ବିଆଇଏସ ପକ୍ଷରୁ ସାରା ଦେଶରେ କ୍ୱାଲିଟି ଷ୍ଟାଣ୍ଡାର୍ଡ ଲାଗୁ କରିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଉଛି। ଏଥି ପାଇଁ ଗତମାସରେ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଲକ୍ଷ୍ନୌ ଓ ଶ୍ରୀପେରମ୍ବୁଦୂର ସମେତ ଅନେକ ସହରରେ ଚଢ଼ଉ କରାଯାଇଥିଲା।ବିଆଇଏସଙ୍କ ଅନୁସାରେ ୭୬୯ ଉତ୍ପାଦ ଶ୍ରେଣୀକୁ ଭାରତୀୟ ଷ୍ଟାଣ୍ଡାର୍ଡ ଅନୁସାରେ ସାର୍ଟିଫିକେଟ ଅନିବାର୍ଯ୍ୟ ହୋଇଥାଏ। ଭାରତରେ ଉଚିତ ଲାଇସେନ୍ସ ବିନା ଖରାପ ମାନର ଉତ୍ପାଦ ବିକ୍ରି ବେଆଇନ। ବିଆଇଏସ ଅଧିନିୟମ ୨୦୧୬ ଅନୁଯାୟୀ ଯଦି କୌଣସି ବିନା ଅନୁମୋଦିତ ଖରାପ କ୍ୱାଲିଟିର ସାମଗ୍ରୀ ବିକ୍ରି କରୁଥାଏ କି ବିତରଣ କରୁଥାଏ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ। ଏଥିରେ ମୋଟା ରକମର ଜରିମନା ସମେତ ଜେଲ ଦଣ୍ଡ ମଧ୍ୟ ହୋଇପାରେ।






# ଛାଡପତ୍ର ପରେ ସାମନ୍ଥାଙ୍କ ପ୍ରଶଂସା କଲେ ନାଗା

ସାମନ୍ଥା ରୁଥ ପ୍ରଭୁ ଓ ନାଗା ଚୈତନ୍ୟ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠାରୁ ପପୁଲାର ରିୟଲ ଲାଇଫ କପଲ ମଧ୍ୟରୁ ଅନ୍ୟତମ। ଏହି କପଲ ୨୦୧୦ରେ ଗୌତମ ବାସୁଦେବ ମେନନଙ୍କ ଫିଲ୍ମ 'ମାୟା ଚେସାବେ' ସମୟରୁ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ଏହାପରେ ଏମାନେ ୨୦୧୭ରେ ବିବାହ କରିଥିଲେ। ହେଲେ ବିବାହ ପରେ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଲା ନାହିଁ। ଏମାନେ ୨୦୨୧ରେ ଅଲଗା ହେବାକୁ ଆନାଉନ୍ସମେଂଟ କରିଦେଲେ। ଏବେ ନାଗା ତାଙ୍କ ତେଲଗୁ ଫିଲ୍ମ କ୍ୟାରିୟର ଉପରେ ଫୋକସ କରୁଥିବା ବେଳେ ଏପଟେ ସାମନ୍ଥା ଏବେ ଓଟିଟି ସ୍ପେଶ ଓ ବଲିଉଡରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏସବୁ ଭିତରେ ଏକ ଲାଟେଷ୍ଟ ଇଂଟରଭ୍ୟୁରେ ନାଗା ତାଙ୍କ ଏକ୍ସ ୱାଇଫ ସାମନ୍ଥାଙ୍କର ପ୍ରଶଂସା କରିଛନ୍ତି। ଇ ଟାଇମକୁ ଦିଆଯାଇଥିବା ଏକ ନୂଆ ସାକ୍ଷାତକାରରେ ନାଗା ତାଙ୍କ ପୂର୍ବତନ ପତ୍ନୀ ସାମନ୍ଥାଙ୍କୁ ପ୍ରଶଂସା କରିଥିଲେ। ଯେଉଁଥିପାଇଁ ତାଙ୍କ ପ୍ରଶଂସକ ଏବଂ ନେଟେନିଜେନମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଅଭିନେତା କହିଛନ୍ତି, "ହଁ, ଆମେ ଅଲଗା ହେବାର ଦୁଇ ବର୍ଷରୁ ଅଧିକ ସମୟ ହୋଇଗଲାଣି। ଏହା ସହ ଆନୁଷ୍ଠାନିକ ଭାବେ ଛାଡପତ୍ର ହେବାର ଗୋଟିଏ ବର୍ଷ ବିତିଗଲାଣି। କୋର୍ଟ ଆମକୁ ଛାଡପତ୍ର ଦେଇଛନ୍ତି। ଆମେ ଦୁହେଁ ଆମ ଜୀବନରେ ଆଗକୁ ବଢ଼ିଛୁ। ମୋ ଜୀବନର ତାଙ୍କ ପ୍ରତି ମୋର ବହୁତ ସମ୍ମାନ ଅଛି। ଆହୁରି କହିଛନ୍ତି କି ସାମନ୍ଥା ଜଣେ ସୁନ୍ଦର ବ୍ୟକ୍ତି ଏବଂ ସମସ୍ତ ସୁଖ ପାଇବାର ଯୋଗ୍ୟ। ଏହା କେବଳ ସେହି ସମୟରେ ହୋଇଥାଏ ଯେତେବେଳେ ମିଡିଆ ଅନୁମାନ ଲଗାଇଥାଏ କି ଆମ ମଧ୍ୟରେ କିଛି ଅଜବ କଥା ହେଉଛି। ଜନତାଙ୍କ ନଜରରେ, ସେହି ମ୍ୟୁଚୁଆଲ ରେସପେକ୍ଟ ଚାଲିଯାଇଥାଏ। ଆଉ ଏହାହିଁ ମୋତେ ଖରାପ ଲାଗିଥାଏ।





# ଛୁରୀର ଦାମ୍ ୪ ଲକ୍ଷ ଟଙ୍କା

କୌଣସି ଜିନିଷର ଦାମ୍ ତାର ଗୁଣବତା ଓ ବିଶେଷତ୍ୱ ଉପରେ ନିର୍ଭର କରିଥାଏ। କିଛି ଏମିତି ହିଁ ଏକ ଛୁରୀ ସହ ହୋଇଛି। ଯାହାକି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଏହା ଡାମାସ୍କସ ଛୁରୀ ଭାବେ ଜଣା, ଯାହା ଜର୍ମାନୀରେ ମିଳେ। ଏହାକୁ ତିଆରି କରିବା ପଛରେ ଏକ ପରମ୍ପରା ଲୁଚି ରହିଛି, ଯାହା ଲୋକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଅନେକ ଦିନର ଏହି କଳା ଆଜି ବି ଜୀବିତ। ଏହାକୁ ତିଆରି କରିବାର କଳା ଖୁବ୍ ନିଆରା। ଛୁରୀ ଯେତେ ଅଧିକ ଗୁଣବତାର ହେବ, ଏହାର ଦାମ୍ ସେତିକି ଅଧିକ ହେବ। ଏହାର ଦାମ୍ ୫୦୦୦ ଡଲାର (ପାଖାପାଖି ୪ ଲକ୍ଷ ଟଙ୍କା)ରୁ ମଧ୍ୟ ଅଧିକ ହୋଇଥାଏ। ଏହାକୁ ଜର୍ମାନୀରେ ଦୁନିଆର ସବୁଠୁ ପୁରୁଣା ପେଶା ମଧ୍ୟରୁ ଗୋଟିଏ ଭାବେ ଜଣାଯାଏ। ଛୁରୀ ତିଆରି କରୁଥିବା ଲୋକଙ୍କ କହିବାନୁସାରେ, ଏହା ଅନେକ ପିଢି ଯାଏ ଚାଲିପାରେ। କିନ୍ତୁ କଥା ଏୟା ଯେ,ଏହାକୁ ତିଆରି କରିବା ବେଳେ ଅନେକ ଜିନିଷ ଉପରେ ଧ୍ୟାନ ଦେବାକୁ ହୋଇଥାଏ। ଏହାକୁ ତିଆରି କରିବାରେ ଦୁଇରୁ ତିନି ଦିନର ସମୟ ଲାଗିଥାଏ। ଏଥିପାଇଁ ଅଲଗା ଅଲଗା ପ୍ରକାରର ଅନେକ କର୍ଯ୍ୟର ସ୍ତରକୁ ଏକା ସାଥିରେ ରଖାଯାଏ। ଏହାକୁ ୧୨୦୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଆକାର ଦିଆଯାଇ ଥାଏ ଏବଂ ଧିରେ ଧିରେ ଏହା ଆକର୍ଷଣୀୟ ହୋଇଥାଏ, ଯେଉଁଥିରେ ଷ୍ଟିଲ୍ ଆହୁରି ଉତମ ହୋଇଥାଏ। ଏମିତି କୁହାଯାଏ କି ଛୁରୀର ଗୁଣବତା ୩୬୦ ସ୍ତର ବିଶିଷ୍ଟ ହୋଇଥାଏ। ସୂଚନା ଯେ, ଡାମାସ୍କସ ଛୁରୀ ତିଆରି କରାଯିବାର ଟେକନିକ୍ ହଜାର ହଜାର ବର୍ଷର ପୁରୁଣା। ଏହାର ବ୍ୟବହାର ମଧ୍ୟକାଳରେ ମଧ୍ୟ ହେଉଥିଲା। ଏହୁ ଛୁରୀର ହ୍ୟାଣ୍ଡେଲକୁ ଅନେକ କାରିଗର କାଠ, ହାଡ଼ ବା ହାତୀ ଦାନ୍ତରେ ତିଆରି କରିଥାନ୍ତି। ଏଥିପାଇଁ ହାତୀ ଶିକାରୀ ହୋଇନଥାଏ, ବହୁ ପୂର୍ବରୁ ଥିବା ହାତୀ ଦାନ୍ତକୁ ବ୍ୟବହାର କରାଯାଇ ଥାଏ।

# ନାକ ସର୍ଜରୀ ପରେ ଡିପ୍ରେଶନକୁ ଚାଲିଯାଇଥିଲେ ପ୍ରିୟଙ୍କା

ଗ୍ଲୋବାଲ ଆଇକନ୍ ପ୍ରିୟଙ୍କା ଚୋପ୍ରାଙ୍କ ଫିଲ୍ମକୁ ହେଉ କି ବ୍ୟକ୍ତିଗତ କଥାକୁ ସବୁବେଳେ ଚର୍ଚ୍ଚାରେ ଥାଏ। ତେବେ ଏହି ମଧ୍ୟରେ ପ୍ରିୟଙ୍କା ମେଟ୍ ଗାଲା ଇଭେଂଟ ୨୦୨୩ରେ ତାଙ୍କ ଲୁକ୍ ?କୁ ନେଇ ଆଲୋଚନାକୁ ଆସିଥିଲେ। ବର୍ତମାନ ଏକ ସାକ୍ଷାତକାରରେ ପ୍ରିୟଙ୍କା ବଡ ଖୁଲାସା କରିଛନ୍ତି। ଯାହା ଶୁଣି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ କହିଛନ୍ତି, ନାକ ସର୍ଜରୀ ଭୂଲ ହେବା ଯୋଗୁଁ ସେ ଡିପ୍ରେସନ୍‌ରେ ଥିଲେ। ନିକଟରେ ପ୍ରିୟଙ୍କାଙ୍କୁ 'ସିରିଏସ୍ ଏକ୍ସଏମ୍ ଦ ହାୱାର୍ଡ ଷ୍ଟ୍ରର୍ନ ଶୋ'ରେ ଦେଖିବାକୁ ମିଳିଥିଲେ।



ଏହି ସମୟରେ ସେ ତାଙ୍କ ଲାଇଫ୍‌ର ଡାର୍କ ଫେଜ୍ ବିଷୟରେ ପ୍ରକାଶ କରିଥିଲେ। ସେ କହିଥିଲେ କି ଯେତେବେଳେ ତାଙ୍କ ନୋଜ୍ କ୍ୟାଭିଟିରେ ଏକ ପଲିପ୍‌କୁ ବାହାର କରାଯାଇଥିଲା। ସେତେବେଳେ ତାଙ୍କ ଚେହେରା ବିକୃତ ଦେଖାଯାଉଥିଲା। ଏଥିପାଇଁ ସବୁବେଳେ ମାନସିକ ଅବସାଦରେ ରହୁଥିଲେ। ଭାବିଥିଲେ କ୍ୟାରିୟର ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଗଲା। ମୁଁ ପୁରାପୁରି ଡରି ଯାଇଥିଲି। ମୋ' ମୁହଁ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ଏପରିକି ନିଜ ପରିବର୍ତିତ ମୁହଁକୁ ମୁଁ ନିଜେ ଗ୍ରହଣ କରି ପାରୁ ନ ଥିଲି। ଏଥିପାଇଁ ୩ଟି ଫିଲ୍ମ ମୋ' ହାତରୁ ଖସି ଯାଇଥିଲା। ମୁଁ ଅବସାଦରେ ରହୁଥିବା ବେଳେ ଏଥିରୁ ମୁକୁଳିବାକୁ ଆଉ ଏକ ସର୍ଜରୀ ଆବଶ୍ୟକ ବୋଲି କହିଥିଲେ ଡାକ୍ତର। ପୁଣି ଏକ ସର୍ଜରୀ କଥା ଶୁଣି ମୁଁ ଭୟଭୀତ ହୋଇପଡ଼ିଥିବା ବେଳେ ମୋ' ବାପା ମୋ' ସପୋର୍ଟ ସିଷ୍ଟମ ହୋଇ ଛିଡ଼ା ହୋଇଥିଲେ। ଏପରିକି ମୋ ସର୍ଜରୀ ବେଳେ ସେ ମୋ' ସହ ଓଟି ଭିତରେ ରହିବେ ବୋଲି ବି କଥା ଦେଇଥିଲେ। ତାଙ୍କ କଥାକୁ ଭରସା କରି ପୁଣି ଥରେ ସର୍ଜରୀ କରିଥିଲି। ମୋ' ବାପାଙ୍କ ଆଶ୍ୱାସନା ଯୋଗୁ ମୁଁ ପୁଣି ଥରେ ନିଜ ଆତ୍ମବିଶ୍ୱାସ ଫେରି ପାଇଲି ବୋଲି କହିଛନ୍ତି ପ୍ରିୟଙ୍କା।

# ସ୍ୱାମୀ ବିଗ୍ନେଶଙ୍କ ସହ ମ୍ୟାଚ୍ ଦେଖିଲେ ନୟନତାରା

ଆଇପିଏଲ୍ ସିଜନ୍ -୧୬ ବର୍ତମାନ ଚର୍ଚ୍ଚାରେ ଅଛି। ପ୍ରତିଦିନ ଗୋଟିଏ କିମ୍ବା ଅନ୍ୟ ସେଲିବ୍ରେଟମାନେ ଷ୍ଟାଡିୟମରେ ଏକ ଆଇପିଏଲ୍ ମ୍ୟାଚ୍ ରେ ନଜର ଆସୁଛନ୍ତି। ଶନିବାର ସାଉଥ ସିନେମାର ଭେଟେରାନ ଅଭିନେତ୍ରୀ ନୟନ୍ତରା ଏବଂ ଅଭିନେତ୍ରୀଙ୍କ ସ୍ୱାମୀ ବିଗ୍ନେଶ ଶିବନ ମୟାଚ୍ ଦେଖିବାକୁ ପହଂଚିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଉତ୍ସାହ ବଢାଇଥିଲେ। ଚେପାକ୍ ଷ୍ଟାଡିୟମରେ ପହଂଚିବା ଦୁହିଁଙ୍କୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ତାଙ୍କ ମୁହଁରେ ଉତ୍ସାହ ଓ ଆଗ୍ରହ ସହ ହସ ଫୁଟୁଥିଲା। ଆଇପିଏଲ୍ ଟିମ୍‌ର ଅଫିସିଆଲ୍ ଇନଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ ଫଟୋ ସେୟାର କରାଯାଇଛି। ଯେଉଁଥିରେ ନୟନ୍ତରା



ଏବଂ ତାଙ୍କ ସ୍ୱାମୀ ବିଗ୍ନେଶ ଶିବନ ଚେନ୍ନାଇ ଦଳକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଉଭୟଙ୍କର ଗୋଟିଏ ନୁହେଁ ଅନେକ ଫଟୋ ଇଂଟରନେଟରେ ଭାଇରାଲ ହେବାରେ ଲାଗିଛି। ଷ୍ଟାଡିୟମରେ ନୟନ୍ତରାଙ୍କୁ ଦେଖି ଚେନ୍ନାଇର ପ୍ରଶଂସକଙ୍କ ଉତ୍ସାହ ବହୁତ ବଢିଯାଇଥିଲା। ଏହି ମ୍ୟାଚ୍ ସମୟରେ ନୟନ୍ତରାର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ଆପଣ ଦେଖିପାରିବେ ଯେ ସିଏସକେ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଏଂଟ୍ରି ଦେଖି ନୟନତାରା ମଧ୍ୟ ଜୋରରେ କରତାଳି ଦେଇଥିବାର ନଜର ଆସିଛନ୍ତି। ସୋସିଆଲ ମିଡିଆରେ ନୟନ୍ତରାଙ୍କର ବହୁତ ପ୍ରଶଂସକ ଅଛନ୍ତି। ସେ ମଧ୍ୟ ପ୍ରାୟତଃ ତାଙ୍କ ପ୍ରଶଂସକଙ୍କ ସହିତ କଥାବାର୍ତା କରନ୍ତି।



# ବକ୍ସ ଅଫିସ୍‌ରେ ଧମାଲ କରୁଛି 'ଦ କେରଳ ଷ୍ଟୋରୀ'

ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦ କେରଳ ଷ୍ଟୋରୀ' ବର୍ତମାନ ଚର୍ଚ୍ଚାରେ ରହିଛି। ଟ୍ରେଲର ରିଲିଜ୍ ହେବା ପରେ ଚଳଚ୍ଚିତ୍ରଟି ବିବାଦ ଘେରକୁ ଆସିଥିଲା। ହେଲେ ଫିଲ୍ମର ରିଲିଜ୍ ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଥିଲା। ସମସ୍ତ ବିବାଦ ପରେ ମଧ୍ୟ ଫିଲ୍ମ ୫ ମେ' ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ ହୋଇଛି। କହିବାକୁ ଗଲେ ଫିଲ୍ମଟି ପ୍ରଥମ ଦିନରେ ଚମତ୍କାର କରିଥିଲା। ବର୍ତମାନ ଦ୍ୱିତୀୟ ଦିନରେ ମଧ୍ୟ ଫିଲ୍ମଟି ବହୁତ ଭଲ କଲେକସନ୍ ରୋଜଗାର କରିଛି। ଫିଲ୍ମ 'କେରଳ ଷ୍ଟୋରୀ' ବିଷୟରେ ସମଗ୍ର ଦେଶରେ ଆଲୋଚନା କରାଯାଉଛି। ଟ୍ରେଲର ରିଲିଜ ହେବା ପରଠାରୁ ଲୋକମାନେ ଫିଲ୍ମ ଦେଖିବାକୁ ଆଗ୍ରହୀ ଥିଲେ। ପ୍ରକୃତ ଘଟଣା ଉପରେ ଆଧାରିତ ଚଳଚ୍ଚିତ୍ରର ପ୍ରାରମ୍ଭିକ ସଂଗ୍ରହ ଅତ୍ୟନ୍ତ ଭଲ ଥିଲା ଏବଂ ବହୁତ ଭଲ କଲେକସନ କରିଥିଲା। ଏହି ଚଳଚ୍ଚିତ୍ର ଶୁକ୍ରବାର ଦିନ ୮ କୋଟି ଟଙ୍କା ବ୍ୟବସାୟ କରିଛି। ଏବେ ଦ୍ୱିତୀୟ ଦିନରେ ଫିଲ୍ମର ରୋଜଗାରରେ ଏକ ବଡ଼ ଧମାଲ ସୃଷ୍ଟି ହୋଇଛି। 'ଦ କେରଳ ଷ୍ଟୋରୀ' ଦ୍ୱିତୀୟ ଦିନରେ ଅର୍ଥାତ୍ ପ୍ରଥମ ଶନିବାର ଦିନ ବକ୍ସ ଅଫିସରେ ବବାଲ କରିଛି। ବାଣିଜ୍ୟ ବ୍ୟବସାୟ ଅନୁଯାୟୀ, ଏହି ଫିଲ୍ମ ଶନିବାର ଦିନ ୧୨.୫୦ କୋଟି ଟଙ୍କା ବ୍ୟବସାୟ କରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୮

# ନୂଆ ଜଳବାୟୁର ସଂକେତ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଋତୁ ଚକ୍ରରେ ସାଧାରଣତଃ ଆମ ଦେଶରେ ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ଚାରିମାସକୁ ଗ୍ରୀଷ୍ମଋତୁ କୁହାଯାଇଥାଏ। ଗ୍ରୀଷ୍ମ ଋତୁର ଶେଷ ଆଡକୁ ଅର୍ଥାତ ଶେଷ ଦୁଇ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥାଏ। କିନ୍ତୁ ଚଳିତ ବର୍ଷ ଫେବୃଆରୀ ମାସରେ ଦେଶର ବିଭିନ୍ନ ଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଫେବୃଆରୀ ମାସର ଶେଷ ସପ୍ତାହରେ ଗୋଆ, ମହାରାଷ୍ଟ୍ର, ତେଲେଙ୍ଗାନା, ଓଡିଶା ଆଦି କେତେକ ରାଜ୍ୟରେ ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ଫେବୃଆରୀ ମାସ ସାରା ଦେଶର ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ରାତ୍ରିର ତାପମାତ୍ରା ସ୍ୱାଭାବିକଠାରୁ ୧ଡିଗ୍ରୀ ସେଲସିୟସ ଅଧିକ ଥିବାବେଳେ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ରାତ୍ରିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ଡିଗ୍ରୀ ସେଲସିୟସ ଅଧିକ ରହିଥିଲା। କହିବା ବାହୁଲ୍ୟ ଯେ, ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସାଧାରଣତଃ ଫେବୃଆରୀ ମାସକୁ 'ଶୀତ ଋତୁ' ଶ୍ରେଣୀଭୁକ୍ତ କରିଛି। ଏବେ ଫେବୃଆରୀ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ତଥା ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିବା ନିଶ୍ଚିତ ଭାବେ ଏକ ନୂଆ ପ୍ରକାରର ଜଳବାୟୁର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ବିଶ୍ୱ ତଥା ଆନ୍ତର୍ଜାତିକ ତାପମାତ୍ରା ଅସ୍ୱାଭାବିକ ଭାବେ ବଢିବା ନେଇ ଦୀର୍ଘ ଦିନରୁ ସତର୍କ କରାଇ ଦେଇଛନ୍ତି। ଉଭୟ ସ୍ଥଳ ଓ ଜଳଭାଗ (ସମୁଦ୍ର)ରେ ତାପମାତ୍ରା ବୃଦ୍ଧି ପାଇବା ସହ ଅସହ୍ୟ ଗ୍ରୀଷ୍ମ ପ୍ରବାହ (ହିଟୱେଭ) ଲାଗି ରହିବ। ଏହାର ପରିଣତି ଯେ, ଅତ୍ୟନ୍ତ ଭୟାବହ ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇ କହିଛନ୍ତି ଯେ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ରାଷ୍ଟ୍ରମାନଙ୍କୁ ବେଳକୁ ସାବଧାନ ହେବ। ବିଶେଷ କରି ଭୂମିକମ୍ପ,ବନ୍ୟା, ସାମୁଦ୍ରିକ ବାତ୍ୟାର ମୁକାବିଲା ପାଇଁ ରାଷ୍ଟ୍ରମାନେ ଯେପରି ଯୋଜନାବଦ୍ଧ ଭାବେ ଆଗୁଆ ସତର୍କତା ଏବଂ ଯୋଜନା ପ୍ରସ୍ତୁତ କରିଥାନ୍ତି, ସେହିପରି ସମ୍ଭାବ୍ୟ ହିଟ୍‌ୱେଭ୍‌ର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଆମ ଦେଶରେ ଗତ କିଛି ଦଶନ୍ଧି ଧରି ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର ମୁକାବିଲା ପାଇଁ ବର୍ତ୍ତମାନ ସୁଦ୍ଧା ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ଯୋଜନା ପ୍ରସ୍ତୁତ କରିନଥିଲା ମନେହୁଏ। 'ସଷ୍ଟେନେବୁଲ ଫ୍ୟୁଚର କୋଲାବୋରେଟିଭ୍' ପକ୍ଷରୁ ପ୍ରକାଶିତ ୯ଟି ସହରରେ କରାଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, କୌଣସି ଗୋଟିଏ ହେଲେ ସହରରେ ହିଟ୍‌ୱେଭ୍ ମୁକାବିଲା ପାଇଁ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିନାହାନ୍ତି। ତେବେ ସବୁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହା ସାମୟିକ ଜରୁରୀକାଳୀନ ଯୋଜନା। ବିଶେଷ କରି ପାନୀୟ ଜଳଯୋଗାଣ, ଶ୍ରମିକଙ୍କ କାର୍ଯ୍ୟ ନିର୍ଘଂଟ, ହସ୍‌ପିଟାଲଗୁଡିକରେ ଆଶୁ ଚିକିତ୍ସା ସୁବିଧା ପ୍ରଦାନରେ ସୀମିତ। ତେବେ ଗୁରୁତ୍ୱପୂର୍ଣ୍ଣ ଦୀର୍ଘ ମିଆଦୀ ଯୋଜନା ତଥା ଅସହ୍ୟ ଗ୍ରୀଷ୍ମ ପ୍ରବାହରେ କ୍ଷତିଗ୍ରସ୍ତ ଶ୍ରମିକଙ୍କୁ ସହାୟତା, ଅଗ୍ନି ନିରୋଧ ପରିଚାଳନାରେ ଉନ୍ନତି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସାଧାରଣଙ୍କୁ ଶୀତଳ ବାୟୁପ୍ରବାହ ପାଇଁ ବ୍ୟବସ୍ଥା ଜରୁରୀ। ସେହିପରି ବ୍ୟାପକ ବୃକ୍ଷରୋପଣ, ତାତି ହ୍ରାସ ପାଇଁ ଖୋଲାସ୍ଥାନର ବ୍ୟବସ୍ଥା, ଶୀତଳ ବାୟୁ ପ୍ରଦାନ ପାଇଁ ଛାତ ଉପରେ ସୋଲାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ର ସମୂହ ଜରୁରୀକାଳୀନ ଭିତିରେ ଉଦ୍ୟମ କରିବା ଆବଶ୍ୟକ। ବିଶେଷ କରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ହ୍ରାସ, କିନ୍ତୁ ଏଥିଲାଗି ୨୦୧୫ ପ୍ୟାରିସ ଜଳବାୟୁ ଶିଖର ବୈଠକରେ ଘୋଷଣାନାମା ପ୍ରକାଶ ପାଇଥିବା ସତ୍ତ୍ୱେ ରାଷ୍ଟ୍ରଗୁଡିକ ବିଶେଷ କରି ପଦକ୍ଷେପ ନେଇଥିବା ମନେହୁଏ ନାହିଁ। ବିଶ୍ୱ ଜଳବାୟୁ ସମ୍ମିଳନୀରୁ ଆମେରିକା ଓହରିଯିବା ଏକ ଶକ୍ତ ଧକ୍କା ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ତାପମାତ୍ରା ୧.୫ଡିଗ୍ରୀ ବୃଦ୍ଧି ପାଇଛି। ଆଗକୁ ଯଦି ରାଷ୍ଟ୍ର ସମୂହ ଦୀର୍ଘ ମିଆଦୀ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଭବିଷ୍ୟତରେ ବିଶ୍ୱ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଏହା ନିସନ୍ଦେହ ଯେ, ବିଶ୍ୱ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଏହା ନିସନ୍ଦେହ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ବନ୍ୟା, ବାତ୍ୟା, ମରୁଡ଼ି, ଅତିନିଆଁବର୍ଷା, ଆଗୁଆ ଗ୍ରୀଷ୍ମପ୍ରବାହ, ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ଆଦି ପ୍ରାକୃତିକ ବିପର୍ଯ୍ୟାୟ ବଢୁଛି। ଭାରତ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟାୟର ଶିକାର ହୋଇଛି। ହିଟୱେଭ୍ ଏବଂ ବିଶ୍ୱତାପମାତ୍ରା ମୁକାବିଲା ପାଇଁ ଆସନ୍ତା ନଭେମ୍ବରରେ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଥିବା ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍ ୩୦) ପୂର୍ବରୁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାକୁ ହେବ। ଅନ୍ୟଥା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ସାର ହେବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-
୭୯୭୮୭୬୭୪୦୩

# ବିକଶିତ ଶ୍ରୀକ୍ଷେତ୍ର ଓ ଜଗନ୍ନାଥମୟ ଓଡ଼ିଶା



ଯଶସ୍ୱିନୀ ପଟ୍ଟନାୟକ

'ଭୂଜେ ସବ୍ୟେ ବେଣୁଂ ଶିରିସି ଶିଖିପିଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍‌ବୃନ୍ଦା ବନବସତି ଲୀଳାପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ।।'

କଳା ଓ ସ୍ଥାପତ୍ୟ ସହ ଧର୍ମ ଓ ଆଧ୍ୟାତ୍ମିକତାର ପୁଣ୍ୟଭୂମି ପୁରୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ଭୂମି ଶ୍ରୀକ୍ଷେତ୍ର ପୁରୀ କହେ ସର୍ବଧର୍ମ ସମନ୍ୱୟର କଥା। ମହାପ୍ରସାଦ ଏଠି ଭକ୍ତର ମନ ମୋହେ। ଏହି ଧାମରେ ଭୂମି ଓ ଭୂମା ଏକାଠି ହୋଇଥାଆନ୍ତି, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଆନ୍ତି। ବଡ଼ ଠାକୁରଙ୍କ କରୁଣା ଟିକକ ପାଇଁ ଧାଇଁ ଆସେ ଭକ୍ତ। ଭଗବାନଙ୍କ ସ୍ୱରୂପରେ ଭକ୍ତ ଓ ଭକ୍ତର ସ୍ନେହରେ ଭଗବାନ ବାନ୍ଧି ହୋଇ ଯାଆନ୍ତି। ଭକ୍ତ ଭଗବାନଙ୍କୁ ଯେମିତି ଦେଖିବାକୁ ଚାହେଁ, ଭଗବାନ ସେମିତି ରୂପରେ ଦେଖା ଦିଅନ୍ତି।

ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ସ୍ଥାନ ଗୋଟିଏ ନାମ ଅନେକ। ଲୀଳାମୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଶ୍ରୀକ୍ଷେତ୍ର ପୁରୀ, ଯାହାର ମାଟି, ପାଣି, ପବନ ସବୁଥିରେ ଭରି ରହିଛି ପବିତ୍ରତା ଓ ଆଧ୍ୟାତ୍ମିକତାର ବାସ୍ନା। ଏହି ପାବନ ଭୂମିର ଗୌରବମୟ ଇତିହାସ ଆଜି ବିଶ୍ୱବିଦିତ। ସାରା ବିଶ୍ୱ କେବଳ ଉପଭୋଗ ପାଇଁ ନୁହେଁ, ଅଧିକନ୍ତୁ ଉପାସନା ପାଇଁ ବି ଏଠାକୁ ଆସିଥାନ୍ତି। ସେବେ ଏ ମାଟି ସବୁ ଧର୍ମ, ସବୁ ପନ୍ଥକୁ ଆପଣାଇଥିଲା, ଆଜି ବି କରୁଛି। ସବୁମତ, ସବୁ ପଥ ଆଉ ବିଶ୍ୱାସ ଏଇଠି ଠୁଳ ହୋଇଛି। ଏହି ମାଟିରେ ସମନ୍ୱୟକୁ ଅନୁଭବ କରିହୁଏ। ଏହାକୁ ମର୍ତ୍ତ୍ୟ ବୃନ୍ଦାବନ ବୋଲି କୁହାଯାଏ। ଏହି ପୁଣ୍ୟ ଭୂମିର ଗରିମାକୁ ଆହୁରି ସୁଦୂରପ୍ରସାରି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତି ଦୀର୍ଘମିଆଦୀ ରୋଡ଼ମ୍ୟାପକୁ ଦିଆଯାଉଛି ବାସ୍ତବ ରୂପ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିବା ପାଇଁ ଅନେକ ମେଗା ପ୍ରକଳ୍ପ ହାତକୁ ନିଆଯାଇଛି। ପବିତ୍ର ଶ୍ରୀକ୍ଷେତ୍ର। ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳା ଭୂମି ପୁରୀ। ଯେଉଁ ପବିତ୍ର ଭୂମିରେ ପାଦ ପକାଇଲେ ଭକ୍ତ ମନରେ ଜାତ ହୁଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ସାରା ଦେଶର ଭକ୍ତଙ୍କ ସୁଅ ଛୁଟେ ଶ୍ରୀକ୍ଷେତ୍ର ଧାମକୁ। ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ କୋଟିପୁଣ୍ୟ ପ୍ରାପ୍ତି ହୁଏ ବୋଲି ଗଭୀର ବିଶ୍ୱାସ ରହିଛି ଭକ୍ତମାନଙ୍କ ମନ ଭିତରେ। ଏହି ବିଶ୍ୱାସ, ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଭିତରେ ସୃଷ୍ଟି କରେ ଅପୂର୍ବ ଭକ୍ତିଭାବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ହେଉ କି ବିଭିନ୍ନ ପର୍ବପର୍ବାଣି, ବର୍ଷ ସାରା ଭକ୍ତଙ୍କ ଭିଡ଼ ଲାଗି ରହିଥାଏ ପୁଣ୍ୟଧାମ ଶ୍ରୀକ୍ଷେତ୍ରରେ। କାଳିଆ ଠାକୁରଙ୍କୁ ଦର୍ଶନ କରି ନିଜ ସୁଖ ଦୁଃଖ ଜଣାଇବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଧାଇଁ ଆସନ୍ତି ପୁରୀକୁ। ଶ୍ରୀଜୀଉ ମାନଙ୍କୁ ଟିକିଏ ଦର୍ଶନ କଲେ ମିଳେ ଅପାର ଆନନ୍ଦ ଓ ଶାନ୍ତି। ଭୁଲି ହୋଇଯାଏ ଜୀବନର ସବୁ ଅବସୋସ, ଅପୂର୍ଣ୍ଣତା। ତେବେ ନିୟମିତ ହଜାର ହଜାର ଶ୍ରଦ୍ଧାଳୁ କିଭଳି ଶୃଙ୍ଖଳିତ ଭାବେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ଶୃଙ୍ଖଳା ଠାରୁ ଆରମ୍ଭ କରି ସୁରକ୍ଷା ପର୍ଯ୍ୟନ୍ତ ସବୁ କିଛିକୁ ବେଶ ଗୁରୁତ୍ୱ ଦିଆଯାଏ। ଏଥିପାଇଁ ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି।

ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତିର ସୀମା ସରହଦ ଡେଇଁ ବିଶ୍ୱ ଚେତନାରେ ରୂପାନ୍ତରିତ ହୋଇଛି ଶ୍ରୀଜଗନ୍ନାଥ ଚେତନା। ଓଡ଼ିଆଙ୍କ ଶ୍ରଦ୍ଧା, ସ୍ନେହ ଓ ଆଦରର କାଳିଆ ଠାକୁର ବିଶ୍ୱ ଦେବତାରେ ପରିଣତ ହୋଇଛନ୍ତି। ଓଡ଼ିଶା ବାହାରେ ଦେଶର ଅନ୍ୟାନ୍ୟ ରାଜ୍ୟ, ଭାରତ ବାହାରେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ଆୟୋଜନ ଏହାକୁ ପ୍ରମାଣିତ କରିଛି। ବିଶ୍ୱ ଭ୍ରାତୃତ୍ୱ ଓ ସର୍ବଧର୍ମ ସମନ୍ୱୟର କାଳିଆ ଠାକୁର ବାହୁ ପ୍ରସାରୀ ସମସ୍ତଙ୍କୁ ଆପଣାର କରିନେଇଛି। ଜଗନ୍ନାଥ ଆଉ କେବଳ ଓଡ଼ିଆ ବା ହିନ୍ଦୁଙ୍କର ନୁହନ୍ତି, ସମଗ୍ର ଜଗତର ନାଥ, ବିଶ୍ୱଜନଙ୍କ ଠାକୁର, ବିଶ୍ୱନିୟନ୍ତା। ସେ ସତ୍ୟ, ଶାଶ୍ୱତ, ପୁରୁଷୋତ୍ତମ। ସବୁ ଚେତନାର ଶେଷ ଯେଉଁଠି, ସେଇଠି ଜଗନ୍ନାଥ ଚେତନାର ଅୟମାରମ୍ଭ। ଏବେ ତାଙ୍କ କ୍ଷେତ୍ରରେ ଚାଲିଛି ନବକଳେବର ପର୍ବ। ରୂପାନ୍ତରଣ ସ୍ପର୍ଶରେ ଶ୍ରୀକ୍ଷେତ୍ର ଏବେ ଅପରୂପ ଶୋଭାରେ ଶୋଭା ପାଉଛି। ଗତ ଜାନୁଆରୀ ୧୭ ତାରିଖରେ ପରିକ୍ରମାର ଲୋକାର୍ପଣ ହୋଇଛି। ସମଗ୍ର ବିଶ୍ୱ ଦେଖିଲା ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିଶ୍ୱସ୍ତରୀୟ ରୂପାନ୍ତର। ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ କୃପା କରୁଣା ଓ ଆଶୀର୍ବାଦରୁ ପୂର୍ଣ୍ଣରୂପ ନେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୩୨ଶହ କୋଟି ଟଙ୍କାର ସ୍ୱପ୍ନର ପ୍ରକଳ୍ପ। ଇତିହାସର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପ। ଯେଉଁଥିରେ ଆମ ପ୍ରାଚୀନ କଳାବିମଣ୍ଡିତ କଳିଙ୍ଗର ନିଖୁଣ କଳା ଓ ସ୍ଥାପତ୍ୟରେ ଝଲସୁଛି ସମ୍ପୂର୍ଣ୍ଣ ପରିପାଟୀ। ଆଖିଝଲସା ରାସ୍ତାଘାଟ, ଶ୍ରୀସେତୁ, ଶ୍ରୀଦାଣ୍ଡ ଯେଉଁଭଳି ଅବିଶ୍ୱସନୀୟ ଭାବେ ବିଶ୍ୱସ୍ତରୀୟ ହୋଇଛି ତାହା ସବୁ ସେହି ମହାପ୍ରଭୁଙ୍କ କୃପା ଇଚ୍ଛାର ଫଳ। ମହାପ୍ରଭୁ ବିଶ୍ୱ ଦେବତା କୌଣସି ଜାତି, ଧର୍ମ ଗୋଷ୍ଠୀର ନୁହଁନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିବେଦନରେ ପୁରୀବାସୀ ଓ ପୁରୁଣା ମଠ ମନ୍ଦିରର ମହନ୍ତମାନେ ସ୍ୱଇଚ୍ଛାରେ ଜାଗା ଦାନ କରିଥିଲେ। ମହାପ୍ରଭୁଙ୍କ କୃପା କଟାକ୍ଷ ଦ୍ୱାରା ଏସବୁ ସମ୍ଭବ ହୋଇପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ, ସମସ୍ତଙ୍କୁ ଓ ସମସ୍ତଙ୍କ ପରିବାରକୁ ଓ ଏ ଓଡ଼ିଆ ଜାତିକୁ ତାଙ୍କ ଅଭୟ ଚକ୍ରରେ ସୁରକ୍ଷିତ ରଖି ଆମ ସମସ୍ତଙ୍କୁ ଅଭୟ ଆଶିଷ ସେହିପରି ପ୍ରଦାନ କରୁଥାନ୍ତୁ। ପୁରୀ କହିଲେ ଆମେ କାହିଁକି, ସମସ୍ତେ ଜଗନ୍ନାଥଙ୍କୁ ହିଁ ବୁଝନ୍ତି। ଗୋଟେ ସମୟରେ ଓଡ଼ିଶା ଅପେକ୍ଷା ପୁରୀକୁ ବାହାର ଦେଶର ଲୋକେ ଅଧିକ ଜାଣୁଥିଲେ ଚିହ୍ନୁଥିଲେ। ପୁରୀର ପରିଚୟ ଜଗନ୍ନାଥଙ୍କୁ ନେଇ। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଯେଉଁ ରୂପାନ୍ତରୀକରଣ କରାଯାଇଛି ଯାହାକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କୁହାଯାଉଛି। ତାର ଆବଶ୍ୟକତା ଥିଲା। ଠିକ ସମୟରେ ଏ କାମ ହାତକୁ ନିଆଯାଇଛି। ଏହା ଜଗନ୍ନାଥଙ୍କ ଇଙ୍ଗିତ ଏବଂ ଇଛା ବୋଲି କହିହେବ। ଆମେ ଯଦି ବିଶ୍ୱାସ କରୁଛେ ଜଗନ୍ନାଥ ନ ଚାହିଁଲେ ଗଛର ପତ୍ରଟିଏ ମଧ୍ୟ ହଲେ ନାହିଁ, ସେ ଦୃଷ୍ଟିରୁ ବିଚାର କଲେ ଶ୍ରୀମନ୍ଦିରକୁ ନେଇ ଯେଉଁ ସବୁ କାମ ହେଲା ତାହା ଜଗନ୍ନାଥଙ୍କ ଇଛାରୁ ହିଁ ହେଲା। ଅନେକ ମତ ଦେଲେ ପୁରୁଣା ମଠ ଗୁଡ଼ିକୁ କାହିଁକି ଭଙ୍ଗା ଗଲା ? ସେଗୁଡ଼ିକୁ ରଖାଯାଇପାରିଥାନ୍ତା। କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରାଯାଇଛି ସେଥିରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ମନ୍ଦିର ନିର୍ମାଣ ଶୈଳୀକୁ ଗୁରୁତ୍ୱ ଦିଆଯାଇଛି ଏବଂ ସେଇ ଆଧାରରେ ହିଁ ନିର୍ମାଣ କାର୍ଯ୍ୟ କରାଯାଇଛି। ତେଣୁ ଯେଉଁ ସବୁ ମଠ ଭଙ୍ଗାଯାଇଛି ତାର ପୁନଃ ନିର୍ମାଣ ଶୈଳୀରେ ଉତ୍କଳ ଭାସ୍କର୍ଯ୍ୟ ଶୈଳୀର ପ୍ରତିଫଳନ ଦେଖିବାକୁ ମିଳୁଛି। ତେଣୁ ଏହାର ଏକ ସ୍ୱାତନ୍ତ୍ର୍ୟ ରହିଛି ଏବଂ ଆଗାମୀ ଦିନ ମାନଙ୍କ ପାଇଁ ଏହା ରହିବ। ବଡ଼ଦାଣ୍ଡରେ ଯେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇଛି ସେ ପାଚେରୀ ହେଉ କି ବିଶ୍ରାମସ୍ଥଳୀ ସବୁ ଗୁଡ଼ିକ ଶ୍ରୀମନ୍ଦିରର ଏକ ଅଂଶ ଭଳି ହିଁ ଲାଗୁଛି। ଏହା ଶ୍ରଦ୍ଧାଳୁଙ୍କୁ ପ୍ରୀତ କରିବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ମୁଗ୍ଧ କରିବ। କେହି କେହି ମତ ଦେଲେ ତୀର୍ଥସ୍ଥଳୀକୁ ପର୍ଯ୍ୟଟନସ୍ଥଳୀରେ ରୂପାନ୍ତରିତ କରାଯାଉଛି। ଏହା କେବଳ ହୋଟେଲ ଶିଳ୍ପକୁ ସମୃଦ୍ଧ କରିବ। ଆମେ ଜାଣିବା ଉଚିତ ଯେ ଶ୍ରଦ୍ଧାଳୁମାନେ ମଧ୍ୟ ଜଣେ ପର୍ଯ୍ୟଟକ। ଏବଂ ପର୍ଯ୍ୟଟକମାନେ ମଧ୍ୟ ଧର୍ମସ୍ଥଳୀ ଏବଂ ପୀଠସ୍ଥଳୀ ଗୁଡ଼ିକୁ ବୁଲିବାର ଆଗ୍ରହ ରଖିଥାନ୍ତି ଯେତେବେଳେ କୌଣସି ଜାଗାକୁ ବୁଲିବାକୁ ଯାଆନ୍ତି। ଅନେକ ପର୍ଯ୍ୟଟକ ଅଛନ୍ତି ସେମାନେ ପଚାରି ବୁଝନ୍ତି ଆଖପାଖରେ କେଉଁ କେଉଁ ଧର୍ମସ୍ଥଳୀ ଏବଂ ପୀଠସ୍ଥଳୀ ରହିଛି। ପୁରୀକୁ ପ୍ରତିଦିନ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଆସିବା ସଂଖ୍ୟା ବଢୁଛି। ପ୍ରତିଦିନ ଲକ୍ଷାଧିକ ଲୋକ ପୁରୀ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର ଆଖାପାଖ ଅଞ୍ଚଳର ସଂପ୍ରସାରଣ ଯେ ଆବଶ୍ୟକ ଥିଲା ଏଥିରେ ସନ୍ଦେହ ନାହିଁ। ଏ କାମ ସୁରୁଖୁରୁରେ ହୋଇପାରିଲା ତାହା ସୂଚାଉଛି ଯେ ଏ ରୂପାନ୍ତରୀକରଣ ଏବଂ ସଂପ୍ରସାରଣ ସ୍ୱୟଂ ଜଗନ୍ନାଥ ଚାହୁଁଥିଲେ। ଲୋକଙ୍କ ଦ୍ୱାରା ଏବଂ ସରକାରଙ୍କ ଦ୍ୱାରା ସେ ଏ କାର୍ଯ୍ୟ କରାଇନେଲେ। ସେ ଚାହିଁ ନଥିଲେ ହୁଏତ ଏତେ ସବୁ କାମ ହୋଇପାରିନଥାନ୍ତା, ଯଦି ଆମେ ବିଶ୍ୱାସ କରୁଛେ ସେ ନ ଚାହିଁଲେ ପତ୍ରଟିଏ ମଧ୍ୟ ହଲେନି। ବିଭିନ୍ନ ଦେଶରେ ଧର୍ମ ମଧ୍ୟ ପର୍ଯ୍ୟଟନକୁ ସମୃଦ୍ଧ କରିଛି। ଆମେ ଯଦି ଭାଟିକାନସିଟି କଥା ଦେଖିବା ଏବଂ ମକ୍କା-ମଦିନା କଥା ଦେଖିବା ସେଠାକୁ ଯେଉଁ ଶ୍ରଦ୍ଧାଳୁମାନେ ଯାଆନ୍ତି ସେମାନେ ଯେ ସେଠାକାର ପର୍ଯ୍ୟଟନଶିଳ୍ପକୁ ସମୃଦ୍ଧ କରନ୍ତି ଏଥିରେ ସନ୍ଦେହ ନାହିଁ। ଦେଶ ବିଦେଶରେ ମଧ୍ୟ ଜଗନ୍ନାଥଙ୍କର ଅନେକ ଭକ୍ତ ଏବଂ ଶ୍ରଦ୍ଧାଳୁ ଅଛନ୍ତି। ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଚାଲିଛି। ତେଣୁ ଅନେକ ପୁରୀ ଆସିବାର ଇଚ୍ଛା ଏବଂ ଆଗ୍ରହ ରଖିଥାନ୍ତି। ଏହା ଯଦି ପରୋକ୍ଷରେ ପର୍ଯ୍ୟଟନକୁ ଋଦ୍ଧିମନ୍ତ କଲା କ୍ଷତି କ'ଣ? କୋଟି ଓଡିଆର ମଉଡମଣି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ କେବଳ ଉଦଘାଟନ ହୋଇନାହିଁ ଏହି ଲୋକାର୍ପଣ ଉତ୍ସବକୁ ନେଇ ରାଜ୍ୟବ୍ୟାପି ଜଗନ୍ନାଥମୟ ହୋଇଉଠିଥିଲା। ଗାଁ ଠାରୁ ସହର ଯାଏ ପ୍ରତିଟି ସ୍ଥାନରେ ଘଣ୍ଟ, ଘଣ୍ଟି, ମୃଦଙ୍ଗ, କୀର୍ତ୍ତନର ତାଳେ ତାଳେ ମହାପ୍ରଭୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ରାଜ୍ୟବାସୀ। ପୁରୀ ଇତିହାସରେ ଚିରକାଳ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜ୍ୟବାସୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଅଜାଡ଼ି ଦେବା ସହ ଏହି ପ୍ରକଳ୍ପର ଶ୍ରେୟ ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଦେଇଛନ୍ତି। ଅନେକ ହୁଏତ ଜାଣିନଥିବେ ୨୦୧୭ ନୂଆ ବର୍ଷରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପୁରୀରୁ ଫେରିବା ବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ଫଟୋକୁ ପ୍ରଣାମ କରୁଥିବା ଦେଖିଥିଲେ ତାଙ୍କ ସହଯାତ୍ରୀ ତଥା ତତ୍କାଳୀନ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନ। ଏହି ସମୟରେ ଗାଡ଼ିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ପାଣ୍ଡିଆନଙ୍କ ସହ ଶ୍ରୀକ୍ଷେତ୍ରର ବିକାଶ ନିମିତ୍ତ ଆଲୋଚନା କରିଥିଲେ ଓ ସେହିଠାରୁ ହିଁ ହୋଇଥିଲା ପରିକ୍ରମା ପ୍ରକଳ୍ପର ନକ୍ସା। ୨୦୧୭ରେ ପ୍ରାରମ୍ଭିକ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ୫ଟି ସଚିବ ଦିନରାତି ଏକ କରିଦେଇଥିଲେ। ଅନେକ ହୁଏତ ଜାଣି ନଥିବେ ଭୋର ୪ଟାରେ ପୁରୀରେ ପହଞ୍ଚି ସେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଗତ ଚାରିବର୍ଷରେ ଅନ୍ୟୁନ ୪ଶହରୁ ଉର୍ଦ୍ଧ୍ୱର ପୁରୀ ଗସ୍ତ କରି ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଶ୍ରୀଜଗନ୍ନାଥ ଆସ୍ଥା ଓ ଭାବର ଠାକୁର ତାଙ୍କରି ଆଶୀର୍ବାଦରୁ ଓଡ଼ିଶା ଯୁଗେ ଯୁଗେ ଏକ ସମୃଦ୍ଧ ସଂସ୍କୃତିର ରାଜ୍ୟ ଭାବେ ପରିଚିତ। ଆସନ୍ତୁ ଚକାନୟନଙ୍କୁ ପ୍ରାର୍ଥନା କରି ଆମ ଜୀବନର ସମସ୍ତ ଆଶା, ଆକାଂକ୍ଷା, ସ୍ୱପ୍ନ, ସଂକଳ୍ପ ଓ ସିଦ୍ଧିକୁ ଚତୁର୍ଦ୍ଧାମୂରତିଙ୍କ ପାଦ ତଳେ ସମର୍ପି ଦେଇ ଓଡ଼ିଶାର ଉତ୍ତରୋତ୍ତର ସମୃଦ୍ଧି କାମନା କରିବା।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ



ଅକ୍ଷୟ କୁମାର ରାଉତ

ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି । ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହି ପରି ଏକ ଘଡିସନ୍ଧି ମୁହୂର୍ତ୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀର ମୋହନଙ୍କର ପିତୃମାତୃ ଦତ ନାମ ଥିଲା ବ୍ରଜ ମୋହନ । ଦୁଃସାଧ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜ ମୋହନ ହେଲେ ଫକୀର ମୋହନ ।

ବଡ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡି ଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଂଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ – "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୃଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଂଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା । ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀର ମୋନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ – "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟ ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା । ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ । ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଣ୍ଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ । ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନେ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତ୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍‌କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ମାହାର୍ଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢ଼େଙ୍କାନାଳର ଆସିଷ୍ଟାଣ୍ଡ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା । ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝରେ ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝରେ ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ ।(୧୯୦୨ ଖ୍ରୀ.ଅ.) ୧୮୯୪ ଖ୍ରୀ.ଅ ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ । 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ । ୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ ।

ପାରାଦ୍ୱୀପଗଡ଼
କୁଜଙ୍ଗ, ଜଗତ୍‌ସିଂହପୁର
୯୯୩୭୬୯୧୪୭୫




# କଳା ପାର୍ଟ ସଂରକ୍ଷିତ ଜଙ୍ଗଲରୁ ଚିତା ବାଘର ଗଳିତ ମୃତ ଦେହ ଉଦ୍ଧାର

ତେଲକୋଇ,(ପି.ଏନ) କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ତାଳ ପଦା ଫରେଷ୍ଟ ବିଟ ବଡ଼ ଖମଣ ଗ୍ରାମ ସନ୍ନିକଟ କଳାପାର୍ଟ ସଂରକ୍ଷିତ ଜଙ୍ଗଲର ଇନ୍ଦିରା ପାହାଡ଼ରୁ ଏକ ମାଈ ଚିତା ବାଘର ଗଳିତ ମୃତ ଦେହ ଉଦ୍ଧାର ହୋଇଛି । ବନ୍ୟ ଜନ୍ତୁ ସୁରକ୍ଷା କର୍ମୀ ସ୍ଥାନୀୟ ଅଞ୍ଚଳରେ ହାତୀ ନିରୀକ୍ଷଣ କରୁଥିବା ବେଳେ ଏହି ଚିତା ବାଘର ମୃତ ଦେହ ଠାବ କରିଥିଲେ ।ଘଟଣା ଜଣା ପଡ଼ିବା ପରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ.ଡି ଧନରାଜ୍,ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ବନ୍ୟ ପ୍ରାଣୀ ବିଶେଷଜ୍ଞ ଓ ଡାକ୍ତରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ମୃତ ବାଘକୁ ଉଧାର କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ୨୦ ରୁ ୨୫ ଦିନ ପୂର୍ବରୁ ବାଘର ମୃତ୍ୟୁ ହୋଇଥିବା ସହିତ ମୃତ ବାଘର ବୟସ ପାଖା ପାଖି ଦେଢ଼ ରୁ ଦୁଇ



ବର୍ଷ ହେବ ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ ସୂଚନା ମୁତାବକ,କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ତାଳପଦା ଫରେଷ୍ଟ ବିଟ ବଡ଼ ଖମଣ ଗ୍ରାମ ନିକଟସ୍ଥ କଳା ପାର୍ଟ ସଂରକ୍ଷିତ ଜଙ୍ଗଲରେ ୨୨ ଟିକିଆ ହାତୀପଲ ଥିବା ବେଳେ ଶୁକ୍ରବାର ତେଲକୋଇ ବନ ବିଭାଗର ଏକ ହାତୀ ସୁରକ୍ଷା ଟିମ୍ ବଣୁଆ ହାତୀଙ୍କ ଗତିବିଧି ନିରୀକ୍ଷଣ କରିବାକୁ ଜଙ୍ଗଲ ମଧ୍ୟରେ କୁମ୍ବିଂ ଅପରେସନ ଆରମ୍ଭ କରିଥିଲେ ।ଏହି ସମୟରେ ବଡଖମଣ ଗ୍ରାମ ଇନ୍ଦିରା ଗୋଠ ପାହାଡ଼ରେ ଏକ ଚିତା ବାଘ ର ମୃତ୍ୟୁ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଆଜି ସକାଳେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଙ୍କ ସହିତ ବନ୍ୟପ୍ରାଣୀ ଡାକ୍ତରୀ ଦଳ ଘଟଣା ସ୍ଥଳରେ ପହଂଚି ଛାନଭିନ ଆରମ୍ଭ କରିଥିଲେ। ମୃତ ଚିତା ର ଗଳିତ ଶବକୁ ପରୀକ୍ଷା ପରେ ଏହା ଏକ ମାଈ ଚିତା ବାଘ ଓ ବୟସ ଦେଢ଼ ବର୍ଷ ରୁ ଦୁଇ ବର୍ଷ ହେବ ବୋଲି ଜାଣିବାକୁ ପାଇଥିଲେ ।ମୃତ ଚିତା ବାଘର ପାରି ପାର୍ଶିକ ସ୍ଥିତି ଅନୁଧ୍ୟାନ କରିବା ସହିତ ଚମଡା ଏବଂ ନଖ ସୁରକ୍ଷିତ ଥିବାରୁ ଏହା ଶିକାର ନୁହଁ ଅନ୍ୟ କେଉଁ କାରଣରୁ ମୃତ୍ୟୁ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି ।ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ରୁ ନମୁନା ସଂଗ୍ରହ କରାଯାଇ ଓ.ୟୁ.ଟି ସ୍ଥିତ ଫରେନ୍ସିକ ଲାବୋରେ ଟୋରୀ କୁ ପରୀକ୍ଷା ନିମନ୍ତେ ପଠା ଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଚଳିତ ବର୍ଷ ବାଘ ଗଣନା ବେଳେ କଳାପାଟ ସଂରକ୍ଷିତ ଜଙ୍ଗଲରେ ୬ ଟି ଚିତା ବାଘ ରହିଥିବା ଜଣାପଡିଛି ।ଏଠି ବାଘଙ୍କ ସଂଖ୍ୟା ବଢୁଥିବା ବେଳେ ବନ୍ୟ ଜନ୍ତୁ ଙ୍କୁ ନିରୀକ୍ଷଣ ପାଇଁ ୧୦ ଟି ଟ୍ରାପ କ୍ୟାମେରା ଲଗା ଯାଇଛି ।ତାହା ଯଥେଷ୍ଟ ହେଉ ନଥିବାରୁ ଆଗାମୀ ଦିନରେ କଳାପାଟ ସଂରକ୍ଷିତ ଜଙ୍ଗଲରେ କ୍ୟାମେରା ସଂଖ୍ୟା ବଢ଼ାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

# କେଶଦୁରାପାଳ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ବର୍ଷିକ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ଜନମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ ସାଫଲ୍ୟ ମଣ୍ଡିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସ୍ତରୀୟ ପ୍ରାଣୀଧନ ଅଧିକାରୀ ନକୁଳ ଚରଣ ନାୟକ, ମୁଖ୍ୟ ବକ୍ତା ଭାବେ ଡିଏନ ବିଦ୍ୟାପୀଠ ଅଳତିର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଜେନା,ସମ୍ମାନୀତ ଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ଅନାମ ଚରଣ ସେନାପତି,ରତ୍ନାକର ସାଉ,ଦିନେଶ କୁମାର ଚକ୍ର ପ୍ରମୁଖ ଯୋଗ ଦେଇ ବାର୍ଷିକ ଉତ୍ସବରେ ଛତ୍ରଛାତ୍ରୀଙ୍କ ମାନସିକ ଏବଂ ବୌଦ୍ଧିକ ବିକାଶ ବୃଦ୍ଧିରେ ସହାୟକ ହୋଇ ଥାଏ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷକ କ୍ଷେତ୍ରବାସୀ ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ



ପାଠ କରିଥିବା ବେଳେ ଜୀବନଜ୍ୟୋତି ଖୁଣ୍ଟିଆ ଅତି ସୁନ୍ଦର ଭାବେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥଲେ ।ଅତିଥିଙ୍କ ଗହଣରେ ବାର୍ଷିକ କ୍ରିଡା ଓ ଅନେକ ସହ ଶୈକ୍ଷୀକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପ୍ରଦୀପ କୁମାର ଗିରି, ନିରୁପମା ପୃଷ୍ଟି, ଖେରଓ୍ୱାଲ୍ ହଂସଦା, ରେବତୀ ସିଂହ, ନିର୍ମଳ କୁମାର ପେରେଇ, ଅନସୂୟା ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ବେଳେ ଶେଷରେ କ୍ରୀଡା ଶିକ୍ଷୟିତ୍ରୀ ମୃଣ୍ମୟୀ ପାତ୍ର ଧନ୍ୟବାଦ ଅର୍ପଣ ସଭାକୁ ଅଧିକ ରୁଦ୍ଧିମନ୍ତ କରିଥିଲା।

## ସିଲଯୋଡ଼ା, କାଳିମାଟି ଆଇରନ ଏବଂ ମିନେରାଲ ମାଇନ୍ସ କାର୍ଯ୍ୟାଳୟ ସମ୍ମୁଖରେ ସାମୁହିକ ଗଣ ଧାରଣା ଓ ବିକ୍ଷୋଭ

ଚମ୍ପୁଆ,(ପି.ଏନ) ଚମ୍ପୁଆ ଉପଖଣ୍ଡ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ସିଲଯୋଡା କାଳିମାଟି ଆଇରନ ଓ ମିନେରାଲ ମାଇନ୍ସ ଖଣିରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଛଟେଇ, ଶ୍ରମିକ ଶୋଷଣ, ସର୍ବନିମ୍ନ ମଜୁରି ପ୍ରଦାନ, ଇପିଏଫ, ଇଏସଆଇ ,ବାର୍ଷିକ ବୋନସ ପ୍ରଦାନ, ସ୍ୱାସ୍ଥ୍ୟସେବା ଯୋଗାଇବା,ପାନୀୟ ଜଳ ଯୋଗାଣ, ଭୋଜନ ମଣ୍ଡପ ନିର୍ମାଣ ଓ କାର୍ଯ୍ୟସ୍ଥଳୀ ରେ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ ଇତ୍ୟାଦି ବିଭିନ୍ନ ପ୍ରକାର ସମସ୍ୟା କୁ ନେଇ ଶ୍ରମିକ ଆନ୍ଦୋଳନ ଚାଲୁଅଛି ।ସିଲଯୋଡା କାଳିମାଟି ମାଇନ୍ସ




ମଜଦୁର ସଂଘ ର ଆହ୍ୱାନ କ୍ରମେ ଖଣିରେ କାର୍ଯ୍ୟରତ ଶ୍ରମିକ ମାନେ ଖଣି କାର୍ଯ୍ୟାଳୟ ସମ୍ମୁଖ ରେ ଗଣଧାରଣା ରେ ବସିଅଛନ୍ତି। ଭାରତୀୟ ମଜଦୂର ସଂଘ ଓଡ଼ିଶା ପ୍ରଦେଶ ର ଉପସଭାପତି ଶ୍ରୀଯୁକ୍ତ ଡାକ୍ତର ମହାନ୍ତ ଓ କେନ୍ଦୁଝର ଜିଲ୍ଲା ସଂଘ ର ସଭାପତି ବାବୁଲାଲ ମହାନ୍ତ, ସଂଗଠନ ସଂପାଦକ ମନୋଜ କୁମାର ପଟେଲ, ବରିଷ୍ଠ ଆଇନଜୀବୀ ଜତୀନ୍ଦ୍ର କୁମାର ବେହେରା ,ଚନ୍ଦନ ବୋଇପାଇ ପ୍ରମୁଖ ସାମିଲ ହୋଇ ଶ୍ରମିକ ମାନଙ୍କ ଅଧିକାର ଓ ସ୍ୱାଭିମାନ ଯଥାଶୀଘ୍ର କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟିଆକଷଣ ନ କରନ୍ତି ତାହେଲେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଚାଲୁରହିବ ବୋଲି ଚେତାବନୀ ଦେଇଛନ୍ତି ।

# କଂସାରିଗୁଡାରେ ହିଣ୍ଡାଲକୋ ଏମ୍.ଡି ସତିଶ ପାଇଙ୍କ ଦ୍ୱାରା ଆର.ଆର୍ କଲୋନି , ଅଫିସ ଓ ନୂତନ ନିରୋଗଶାଳା ଉଦ୍‌ଘାଟନ

ରାୟଗଡ଼ା ,(ପି.ଏନ) ଆଦିତ୍ୟ ଆଲୁମିନା ରିଫାଇନାରୀ କଂସାରୀ ଗୁଡା ଠାରେ ଜମି ହରାଙ୍କ ବାସ ଗୃହ ଓ ପ୍ରକଳ୍ପ କାର୍ଯ୍ୟାଳୟ ରିବନ କାଟି ଉଦ୍ଘାଟନ କଲେ ଅଦିତ୍ୟ ବିର୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସତୀଶ ପାଇ। କୋରାପୁଟ ଓ ରାୟଗଡ଼ା ଜିଲ୍ଲାକୁ ଲାଗିଥିବା କଂସାରୀଗୁଡ଼ା ଠାରେ ହେବାକୁଥିବା ଆଦିତ୍ୟ ଆଲୁମିନା କମ୍ପାନୀ ଯେଉଁ କଂସାରୀଗୁଡ଼ା ସ୍ଥାପନ ହବ ଉକ୍ତ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆଦିତ୍ୟ ଆଲୁମିନା କମ୍ପାନୀ ତଥା ହିଣ୍ଡାଲକୋ ଏମ୍.ଡି ସତିଶ ପାଇଙ୍କ ଦ୍ୱାରା ଶୁକ୍ରବାର ଦିନ ନିକଟସ୍ଥ ଏକ ସ୍ଥାନରେ କମ୍ପାନୀ ଦ୍ୱାରା ଆ଼ର.ଆର୍ କୋଲୋନିର ଭୂମିପୂଜନ କରିବା ସହ ଆଦିତ୍ୟ ଆଲୁମିନା କମ୍ପାନୀ ଅଫିସ ଓ ବିରିଗୁଡ଼ା ଠାରେ ନିରୋଗ୍ୟଶାଳା କେନ୍ଦ୍ରକୁ ଉଦଘାଟନ



କରିଥିଲେ। ଏହି ସମୟରେ କମ୍ପାନୀ ଆଡଭାଇଜର୍ ସୂର୍ଯ୍ୟକାନ୍ତ ମିଶ୍ର ଆଦିତ୍ୟ କମ୍ପାନୀ ସିଓ ମେଜର ବେଗ୍ ଓ କମ୍ପାନୀ କର୍ମଚାରୀ ଏବଂ ମୈତ୍ରୀ କମ୍ପାନୀ ଚେୟାରମ୍ୟାନ ଶ୍ରୀନିବାସ ରାଓ, ତିନି ଜଣ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଳେସିକା, ମକରନ୍ଦ ମୁଦୁଲି, କୃଷ୍ଣ ଚନ୍ଦ୍ର ସଗରିଆ, ବିକାଶ ପରିଷଦ ସଭାପତି ଡଉଲ ରତ୍ନ ଚୌଧରି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳ ର ୧୨ ଖଣ୍ଡ ଗାଁର ଜମିହାର ବିସ୍ଥାପିତ କ୍ଷତିଗ୍ରସ୍ତ ଖଣି ପ୍ରଭାବିତ ଶତାଧିକ ମହିଳା ପୁରୁଷ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସ୍ୱାଗତ କରିଥିଲେ ରିପାର୍ଶ୍ୱିକ ଗ୍ରାମର ଲୋକେ ଏକତ୍ର ନାଚ ଗୀତ ଓ ପ୍ରାରମ୍ଭିକ କୋରାପୁଟିଆ ଢେମସା ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ପାଛୋଟି ଆଣିଥିଲେ। ଏହି ସମୟରେ କମ୍ପାନୀ ତରଫ କିଛି ଲୋକଙ୍କୁ ନିଜ ନିଜ ମତ ରଖିବାକୁ କହିଥିଲା ବେଳେ କଂସାରୀଗୁଡ଼ା ଜ୍ୟୋତି ରତ୍ନ ଚୌଧରୀ କମ୍ପାନୀ ସମସ୍ତ ପାଇଁ ସମାନ ଦେଖାଯିବା ସହ ଭଳି ସ୍ପିସିଆଲିଷ୍ଟ ଡାକ୍ତର ଦେବା ପାଇଁ ଦାବୀ କରିଥିଲେ। ଯାହା ଦୀର୍ଘ ବର୍ଷର ଅନ୍ତ ପରେ ଲୋକଙ୍କ ମୁହଁରେ ଏକ ପ୍ରକାର ଖୁସିର ମାହଲ ଦେଖିବାକୁ ମିଳିଥିଲା।

# ଜାତୀୟ ମତଦାନ ଦିବସ ପାଳିତ



ତେଲକୋଇ : ଜାତୀୟ ସେବା ଯୋଜନା ଚାରିଗଡ ମହାବିଦ୍ୟାଳୟ ତେଲକୋଇ କେନ୍ଦୁଝର ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭା ଗୃହ ପରିସରରେ ଜାତୀୟ ମତଦାନ ଦିବସ ପାଳନ କରାଯିବା ସହ ଶପଥ ପାଠ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପାଣ୍ଡବ ଚରଣ ସାହୁ ଅଧକ୍ଷତା କରିଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ମୋନାଲିଜା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ଜେନା, ସୁରିଆ ଜୁଆଙ୍ଗ, ଗୋବିନ୍ଦ ଚନ୍ଦ୍ର ସାହୁ, ଲାଲାଜୀ ହର୍ଷବର୍ଦ୍ଧନ ମାଝୀ , ସଞ୍ଜୟ ଦେହୁରୀ ଏଂ ଅଧ୍ୟାପିକା ପାର୍ବତୀ ସାହୁ, ସ୍ତୁତି ଦାସ, ରଶ୍ମିତା ପଟେଲ, ଲୋପାମୁଦ୍ରା ପ୍ରଧାନ, ବବିତା ରାଉଳ ଯୋଗ ଦେଇଥିଲେ। କାର୍ଯକ୍ରମ ଅଧିକାରୀ ସନ୍ଦିପ କୁମାର ସିଂ ଓ ଏନଏସଏସ ସ୍ୱେଚ୍ଛାସେବୀ ମାନେ କାର୍ଯକ୍ରମ ପରିଚାଳନା କରିଥିଲେ।

# ତୋଫାନ ଯୁବକ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ତାଳଚେର,(ପି.ଏନ) ତାଳଚେର ବ୍ଲକ ଘଣ୍ଟପଡ଼ା ତୋଫାନ ଯୁବକ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼କ୍ଟର ବିନୋଦ କୁମାର ସାହୁ, ସମ୍ମାନିତ ଅତିଥିଭାବେ ରଞ୍ଜିତ କୁମାର ମହାପାତ୍ର, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଗଗନ କୁମାର ଦାସ ଯୋଗ ଦେଇଥିଲେ। ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିବା ପରେ ଭାରତର



ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଓ ଗ୍ରାମର ଦିବଙ୍ଗତ ମାନଙ୍କ ପାଇଁ ୨ ମିନିଟ କାଳ ନୀରବ ପ୍ରାର୍ଥନା କରାଯାଇଥିଲା।ଏହି ଅବସରରେ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଯାଇ ଘଣ୍ଟପଡ଼ା ଗ୍ରାମର ଯୁବପିଢ଼ୀ କିପରି ନିଶାମୁକ୍ତ ହେବେ ସଂଘର ସଦସ୍ୟ ଗ୍ରାମ ପରିକ୍ରମା କରି ଲୋକଙ୍କୁ ବୁଝାଇଥିଲେ। ଅତିଥି ବୃନ୍ଦ ନିଶା ନିବାରଣ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଧୀରେନ୍ଦ୍ର ଦାସ ଉପସଭାପତି କାହ୍ନୁ ଚରଣ ଦାସ, ସହ ସଂପାଦକ ମନୋଜ କୁମାର ଦାସଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିଥିଲେ । ଶେଷରେ କୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଗାମୀ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଶିଶୁ ବିକାଶ ଯୋଜନା ଅଧିକାରି ତଥା ମହିଳା ପରିଦର୍ଷିକା ଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା

ଆଗାମୀ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଶିଶୁ ବିକାଶ ଯୋଜନା ଅଧିକାରୀ ତଥା ମହିଳା ପରିଦର୍ଷିକା ଙ୍କ ତରଫରୁ ବୋଡ଼େନ ବ୍ଲକ ଅଞ୍ଚଳ ର ସମସ୍ତ ଜନ ସାଧାରଣ ,ଶିକ୍ଷାବିତ , ଗୁଣି, ଜ୍ଞାନୀ, ବୁଦ୍ଧିଜୀବୀ, ଆବାଲ ବୃଦ୍ଧ ବନିତା ତଥା ପଞ୍ଚାୟତ ସମିତି ଅଧକ୍ଷା, ଉପାଧକ୍ଷା , ସମସ୍ତ ସରପଞ୍ଚ,ସମସ୍ତ ସମିତି ସଭ୍ୟ/ସଭ୍ୟା ଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଓ ଅଭିନନ୍ଦନ ଜଣାଉଛୁ । ଆଶା କରୁଛୁ ଏହି ସାଧାରଣ ତନ୍ତ୍ର ଦିବସ ଓ ନୂତନ ବର୍ଷ ଆରମ୍ଭରେ ବୋଡ଼େନ ଅଞ୍ଚଳର ସମସ୍ତ ଗର୍ଭବତୀ ମହିଳା, ପ୍ରସୂତି ମହିଳା ,କିଶୋରୀ ବାଳିକା ଏବଂ



ଜନ୍ମରୁ ଛଅ ବର୍ଷ ଶିଶୁଙ୍କ ଘରେ କୁପୋଷଣ ଦୂରୀକରଣ କରି ସୁସ୍ଥ ସବଳ ନିରୋଗୀ ମହିଳା ଓ ଶିଶୁ ଟିଏ ପାଇବା ପାଇଁ ସମସ୍ତେ ହାତକୁ ହାତ ମିଶାଇ ଆଗେଇ ଆସନ୍ତୁ ଯେମିତିକି ସେମାନଙ୍କ ମୁହଁରେ ଆନନ୍ଦ ଓ ଉଲ୍ଲାସର ହସଟିଏ ଆଣିବାରେ ସକ୍ଷମ ହେବା । ପୁଣି ତ୍ରିରଙ୍ଗା ଜାତୀୟ ପତାକା ତଳେ ସପଥ ନେବା ସୁସ୍ଥ ପରିବାର ସୁସ୍ଥ ସମାଜ ଗଠନ ଦିଗରେ ଆମେ କୁପୋଷଣ କୁ ଦୂରେଇ ଦେବାରେ ସଫଳ ଓ ସକ୍ଷମ ହେବା ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଳନ କଲା ଜାତୀୟ କନ୍ୟା ସନ୍ତାନ ଦିବସ

ଭୁବନେଶ୍ୱର: ସଞ୍ଜୀବ ସାଏ,(ଅନୁଧ୍ୟାନ) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତକାଲି ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ଜାନୁଆରୀ ୨୪ ତାରିଖରେ ଦେଶବ୍ୟାପୀ କନ୍ୟା ସନ୍ତାନଙ୍କ ମହତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଅଧିକରୁ ଅଧିକ ସକାରାତ୍ମକ ବାତାବରଣ ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇ ଆସୁଛି। ଲିଙ୍ଗଗତ ଭେଦଭାବ ଓ ଲିଙ୍ଗ ଚୟନ ଓଡ଼ିଶାର ଜନସଂଖ୍ୟା ଧାରାକୁ ପ୍ରଭାବିତ କରୁଛି ତେଣୁ ଏହା ଏକ ଚିନ୍ତାର ବିଷୟ । ଏହି ସମସ୍ୟାର ସମାଧାନ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିବିଧ ପଦକ୍ଷେପ ନିଆଯାଉଛି । ଜାତୀୟ ବାଳିକା ସପ୍ତାହ (ଜାନୁଆରୀ ୧୮ରୁ ୨୪) ପାଳନକୁ ସମଗ୍ର ରାଜ୍ୟରେ ପ୍ରୋତ୍ସାହିତ କରାଯାଉଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଚଳିତ ସପ୍ତାହରେ ସମାଜରେ ଏ ସମ୍ପର୍କିତ ସଚେତନତା ଓ ଜାଗରଣକୁ ବୃଦ୍ଧି କରିବା ପାଇଁ ଭୁବନେଶ୍ୱର କେନ୍ଦ୍ରରେ ମାର୍ମିକ ଆଲୋଚନାଚକ୍ର, ଜନ୍ମ ସମୟରେ ଲିଙ୍ଗ ଅନୁପାତ ବଜାୟ ରଖିବା ପାଇଁ ବ୍ଲକ ଓ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିବା, କନ୍ୟା ଜନ୍ମଦାତ୍ରୀଙ୍କୁ ସ୍ୱୀକୃତି ଦେବା, ବିଷୟଗତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ଏବଂ ଉତ୍ତମ କାର୍ଯ୍ୟର ଡକ୍ୟୁମେଣ୍ଟେସନ୍ ଆଦି ଅନ୍ତର୍ଭୁକ୍ତ। କନ୍ୟା ସନ୍ତାନମାନେ ହେଉଛନ୍ତି ସୃଷ୍ଟିକର୍ତ୍ତାଙ୍କ ଅନନ୍ୟ ସୃଷ୍ଟି । ଝିଅମାନଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀରେ ଏକ ପିଢ଼ିଗତ ପରିବର୍ତ୍ତନ ଆସିବା ଦରକାର, କାରଣ ଝିଅମାନଙ୍କ ତୁଳନାରେ ପୁଅମାନଙ୍କ ସଂଖ୍ୟାରେ ଅଧିକ ବୃଦ୍ଧି ହେଉଛି, ଯାହା ଜନସଂଖ୍ୟା ସନ୍ତୁଳନରେ ଏକ ପ୍ରତିବନ୍ଧକରୂପେ ଉଭା ହୋଇପାରେ ବୋଲି ଅତିଥି ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପାଠ ପଢୁଥିବା ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅମାନଙ୍କୁ ସଶକ୍ତ କର' ଶୀର୍ଷକରେ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ କଳା ଓ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ଶାସନ



ସଚିବ (ଜନସ୍ୱାସ୍ଥ୍ୟ) ଡା ଜିତେନ୍ଦ୍ର ମୋହନ ବେବର୍ତ୍ତା ଭାରତର ମହିୟସୀ ମହିଳାରତ୍ନଙ୍କ ଅନେକ ପ୍ରେରଣାଦାୟୀ କାହାଣୀ କହିଥିଲେ । ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡା ସଂଯୁକ୍ତା ସାହୁ ଜିଲ୍ଲାଭିତ୍ତିକ ଲିଙ୍ଗ ଅନୁପାତ ଉପସ୍ଥାପନ କରିବା ସହ ଡିକୋଏ ଅପରେସନ ଏବଂ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସୂଚନାଦାତାଙ୍କୁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାଗୁଡ଼ିକୁ କହିଥିଲେ । କନ୍ୟା ସନ୍ତାନଙ୍କ ପ୍ରତି ସାମାଜିକ ଅବଲୋକନ ଏବଂ ଆଭିମୁଖ୍ୟରେ ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ସେମାନଙ୍କ ସାମଗ୍ରିକ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସକୁ ପ୍ରେରଣା ଦେବା ପାଇଁ 'ବେଟି ବଚାଓ ବେଟି ପଢ଼ାଓ' ଭଳି ସରକାରଙ୍କ କାର୍ଯ୍ୟକ୍ରମର ସେ ଉଚ୍ଚପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କର ସୃଜନଶୀଳ ପ୍ରତିଭାକୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରାଯାଇଥିଲା ।ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଡା ସତ୍ୟବ୍ରତ ଛୋଟରାୟ, ଡା ମୁରଲୀଧର ପାଢ଼ୀ, ଡା ପ୍ରତିଭା ପ୍ରଧାନ, ଡା ତାପସ ପାତ୍ର, ଡା ଶ୍ରାବଣୀ ଦାସ, ରିତେଶ ସିସୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶୁକଦେବ ମହାନ୍ତ ହେଲେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି

କେନ୍ଦୁଝର, କେନ୍ଦୁଝର ଜିଲ୍ଲା ବିଜେପି ଦଳର ସଭାପତି ହେଲେ ଶୁକ ଦେବ ମହାନ୍ତ ଓ ଆଜି ଅପରାହ୍ନ ୪ ଟା ସମୟରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ରାଜ୍ୟ ନେତା ଆଶୁତୋଷ ପରିଡା ତେଲକୋଇ ଓ ପାଟଣା ବିଧାୟକ ଙ୍କ ସହ ଜିଲ୍ଲାର ଆନେକ ଦଳିୟ କାର୍ଯ୍ୟକର୍ତ୍ତା ଙ୍କ



ଉପସ୍ଥିତିରେ ନୂତନ ଜିଲ୍ଲା ବିଜେପି ସଭାପତି ଙ୍କ ନାମ ଘୋଷଣା କରିଥିଲେ । ମନ୍ତ୍ରୀ କହିଥିଲେ ଯେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଆଜି କେନ୍ଦୁଝର ଜିଲ୍ଲାର ସଭାପତି ଚୟନ କରାଯାଇଛି । ସେପଟେ ଦଳ ମୋ ଉପରେ ଭରକ୍ଷା କରିଥିବାରୁ ରାଜ୍ୟ ଠାରୁ ଆରମ୍ଭ କରି ସମସ୍ତ ନେତାକୁ ଧନ୍ୟବାଦ ଦେବା ସହ ସମସ୍ତ ଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିଛନ୍ତି ଶୁକ ଦେବ ମହାନ୍ତ। ରାଜ୍ୟ ପରିସଦ ସଦସ୍ୟ ଭାବେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ରୁ କିରଣବାଳା ନାୟକ, ପାଟଣା ରୁ ସୋମବାରୀ ମୁଣ୍ଡା,ତେଲକୋଇ ରୁ ମାନସ ନାଏକ, ଚମ୍ପୁଆ ରୁ ଝରଣା ମହାନ୍ତ ଏବଂ ଦେବପ୍ରସାଦ ମିଶ୍ର,ଆନନ୍ଦପୁର ରୁ ଦଶରଥ ଜେନା ନାମ ଘୋଷଣା ରାଯାଇଥିଲା।

# ୩୮ ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ଭାଗନେବେ ୪ ଖେଳାଳୀ

ବାରିପଦା,(ପି.ଏନ) : ଉତ୍ତରାଖଣ୍ଡର ଡେରାଡୁନ ଠାରେ ଚଳିତ ମାସ ୨୮ ରୁ ଫେବୃଆରି ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩୮ ତମ ଜାତୀୟ କ୍ରୀଡ଼ାର ରଗବୀ ଖେଳ ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୩ ଜଣ ମହିଳା ଓ ଜଣେ ପୁରୁଷ ଓଡ଼ିଶା ରଗବୀ ଦଳରେ ସ୍ଥାନ ପାଇଛନ୍ତି ଓ ସେମାନେ ହେଲେ ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ ହାଁସଦା, ସୁନୀତା ହାଁସଦା ଓ ପୁରୁଷ ବିଭାଗରେ ଅଜିତ କୁମାର ହାଁସଦା ଓ ସୂଚନା ମୁତାବକ ୩ ମହିଳା ଖେଳାଳୀ ପୂର୍ବ ତଥା ୩୭ତମ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିବା ସହ ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ ଓ ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# କୋଇଡା ପ୍ରେସ କ୍ଲବର ୧୦ ଦିବସୀୟ ଦିତୀୟବାର୍ଷିକ ଉତ୍ସବରେ ଦୁଲୁକୁଛି କୋଇଡା

କୋଇଡା,(ପି.ଏନ) : ସୁନ୍ଦରଗଡ ଜିଲ୍ଲାର ରତ୍ନଗର୍ଭା କୋଇଡା ବ୍ଲକରେ ଦୁଇ ବର୍ଷ ତଳେ କୋଇଡା ପ୍ରେସ କ୍ଲବ୍ କୁଆଁ କୁଆଁ ରାବ ଦେଇ ଜନ୍ମ ନେଇଥିଲା ।ବହୁ ଘାତପ୍ରତିଘାତ ସହିତ ସଂଗ୍ରାମୀ ଯୁବକ ସଂଗ୍ରାମ କିଶୋରୀ ନାୟକ ଏବଂ ସବୁବେଳେ




ଆନନ୍ଦରେ ଥିବା ସଂପାଦକ ବିଜୟାନନ୍ଦ ଜେନା ଏବଂ ସମସ୍ତ ସଦସ୍ୟଙ୍କ ସୁଦୃଢ ମନୋବଳ ଓ ଏକତା ମନୋଭାବ ନେଇ ଆଗକୁ ପାଦ ଦେଇ ବଢ଼ି ଚାଲିଛି କୋଇଡା ପ୍ରେସ କ୍ଲବ୍ ।କୋଇଡା ମାଟିର କେବଳ ସ୍ୱର ନ ହୋଇ ସମଗ୍ର ସୁନ୍ଦରଗଡର ସ୍ୱର ତଥା ଜନ୍ମାନ୍ଧ, କଳା, ସଂସ୍କୃତି , ସାହିତ୍ୟ, ଖଟିଖିଆ,ଶ୍ରମିକ,ଅବହେଳିତ,ଅସହାୟ,ଯୁବ,ଛାତ୍ର,ମହିଳା ମାନଙ୍କର ସ୍ୱର ହୋଇଛି । ଚଳିତ ବର୍ଷ ଜାନୁୟାରୀ ୧୭ ରରୁ ଜାନୁଆରୀ ୨୬ ପର୍ଯ୍ୟନ୍ତ କୋଇଡା ଜଗନ୍ନାଥ ମନ୍ଦିର ନିକଟସ୍ଥ ମେଳଣ ପଡ଼ିଆରେ ଦଶ ଦିବସୀୟ ସ୍ୱଦେଶୀ ମେଳା ଆୟୋଜନ ସହ କୋଇଡା ପ୍ରେସ କ୍ଲବ୍ ବାର୍ଷିକ ଉତ୍ସବ ହେଉଅଛି ।ତଦସହ ପ୍ରତିଦିନ କୋଇଡା ମାଟିର ନେତୃବୃନ୍ଦ, ଶିକ୍ଷାବିତ,ପ୍ରଶାସନ,ଅଧିବକ୍ତା,ସାହିତ୍ୱିକ, ବିଭିନ୍ନ ସାମାଜିକ ସଂଗଠନ, କଳାକାର,କଳା ଅନୁଷ୍ଠାନ,ନୃତ୍ୟାଙ୍ଗୀ ମାନଙ୍କୁ ଉତ୍ତରୀୟ, ମାନପତ୍ର,ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରି ଏକ ନିଆରା ପରଂପରା ସୃଷ୍ଟି କରୁଅଛି ।




## ଓଡ଼ିଶାର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅବସ୍ଥା ବିପର୍ଯ୍ୟସ୍ତ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ଲେପ୍ରା ସୋସାଇଟିରେ ଦୀର୍ଘ ବର୍ଷ ଧରି ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମରେ ନିଯୁକ୍ତି ପାଇଥିବା କୁଷ୍ଠକର୍ମୀମାନଙ୍କୁ ଓ ସୁପରଭାଇଜରମାନଙ୍କୁ ସ୍ୱାସ୍ଥ୍ୟବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ୧୬ ଜଣ ଫିମେଲ ଏବଂ ୧୦୨ ଜଣ ମେଲ୍ ୱାର୍କରଙ୍କୁ ରାଜ୍ୟର ଅଠରଟି ଜିଲ୍ଲାରେ ଖାଲି ପଡ଼ିଥିବା ନିୟମିତ ସ୍ୱାସ୍ଥ୍ୟକର୍ମୀ ପଦବୀରେ ୨୦୦୭-୨୦୦୯ ମସିହାରେ ସି.ଡି.ଏମ୍.ଓ.ମାନେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଥିଲେ ଓ ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ୨୦୧୪ ମସିହାରେ ୬ ବର୍ଷ ପୁରି ଚାକିରିରେ ନିୟମିତ ହେବା କଥା ମାତ୍ର ସରକାରଙ୍କ ଅବହେଳାରୁ ଉକ୍ତ କର୍ମଚାରୀମାନେ ହତାଶମୟ ଜୀବନ ଅତିବାହିତ କରୁଛନ୍ତି ଏବଂ ସେମାନଙ୍କୁ ଜାଣିଶୁଣି ନିୟମିତ କରାଯାଇନାହିଁ। ଏହି ସମୟ ମଧ୍ୟରେ କିଛି କର୍ମଚାରୀ ମାନସିକ ଆଘାତ ପାଇ ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ସ୍ୱାଇଁ, ପି. ତ୍ରିନାଥ ରାଓ, ପ୍ରଦୀପ ପ୍ରଧାନ, ଭିକାରୀ ଚରଣ ସୁନା, ଦିଲ୍ଲୀପ କୁମାର ଗରି, ସୁକାନ୍ତ ଶେଖର ପାଣିଗ୍ରାହୀ, ମୁରଲିଧର ବେହେରା, ଅଚ୍ୟୁତାନନ୍ଦ ମୁଦୁଲି ଏବଂ ସୁଶାନ୍ତ ସେନାପତି ଇତ୍ୟାଦି ୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ କର୍ମଚାରୀ ଅବସର ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ କନ୍ଧମାଳର ଶ୍ରୀ ରଞ୍ଜନ ମହାନ୍ତି ଓ ସୁନ୍ଦରଗଡ଼ର ଶ୍ରୀ ଅରବିନ୍ଦ ଭଞ୍ଜ ଏବଂ କାଲୁଲ୍ କୁମାର ବୋଷ ଇତ୍ୟାଦିଙ୍କୁ ନିୟମିତ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପୁରୁଷ ସ୍ୱାସ୍ଥ୍ୟକର୍ମୀ ତାଲିମ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏ.ଏନ୍.ଏମ୍. ତାଲିମ ଦେଇସାରିଛନ୍ତି। ରାଜ୍ୟ ସରକାର ୧୯୭୯ ମସିହାରେ ଡାନିସ୍ ଲେପ୍ରସି ସଂସ୍ଥାକୁ ହାତକୁ ନେଲାବେଳେ ୮୨ ଜଣ କୁଷ୍ଠକର୍ମୀଙ୍କୁ ନିୟମିତ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ୨୦୦୪ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧୀନରେ କାର୍ଯ୍ୟ କରିଥିବା ୭୫ ଜଣ କୁଷ୍ଠକର୍ମୀମାନଙ୍କୁ ସ୍ୱାସ୍ଥ୍ୟକର୍ମୀ ଭାବରେ ନିଯୁକ୍ତି ଦେଇଥିଲେ।

ପ୍ରକାଶଥାଉ କି ଏହି କର୍ମଚାରୀମାନେ କୁଷ୍ଠକର୍ମୀ ପଦବୀରେ ବହୁବର୍ଷ ପୂର୍ବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ମୟୂରଭଞ୍ଜ ଜିଲ୍ଲାରେ ଯେଉଁଠାରେ ରାଜ୍ୟ ସରକାରଙ୍କ ମାନବ ସମ୍ବଳ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ନ ଥିଲା ଏବଂ ଦୁର୍ଗମ ପାହାଡ଼ ପର୍ବତ ଘେରିରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିବାଦ୍ୱାରା ୨୦୦୬-୨୦୦୭ ମସିହାରେ ଓଡ଼ିଶାକୁ କୁଷ୍ଠମୁକ୍ତ ରାଜ୍ୟ କରାଯାଇଥିଲା। ଏଥିପାଇଁ ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତରଫରୁ ସବୁ କର୍ମଚାରୀଙ୍କୁ ବେଷ୍ଟ ଲେପ୍ରସି ୱାର୍କର ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଏହି କର୍ମଚାରୀମାନେ ଦୀର୍ଘ ୧୪ ବର୍ଷ ଧରି ସ୍ୱାସ୍ଥ୍ୟକର୍ମୀ ପଦବୀରେ ସରକାରୀ ଟ୍ରେଜେରିରୁ ଦରମା, ଗ୍ରୁପ୍ ଇନ୍‌ସ୍ୟୁରାନ୍‌ସ୍, ପେନ୍‌ସନ୍ ସୁବିଧା ପାଉଛନ୍ତି। ସରକାରଙ୍କ ୬ ବର୍ଷିୟା ନିୟମ ଅନୁସାରେ ୨୦୧୪ ମସିହା ସୁଦ୍ଧା ସମସ୍ତଙ୍କୁ ଚାକିରିରେ ନିୟମିତ କରିବା କଥା, ମାତ୍ର ସ୍ୱାସ୍ଥ୍ୟ ବିଭାଗର କିଛି ଅଧିକାରୀମାନେ ଏକ ବୈଠକ ଡାକି ନିୟମିତ ନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାଭାଗ ରଦ୍ଦ କରିଛି। ଉକ୍ତ କର୍ମଚାରୀମାନେ ୨୦୧୪ରୁ ୨୦୨୨ ମସିହା ମଧ୍ୟରେ ଶହଶହ ଥର ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ଆପତ୍ତି ଅଭିଯୋଗମାନ ଦେଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଅଛି। ସ୍ୱାସ୍ଥ୍ୟ ବିଭାଗ କହିବା କଥା ଯେହେତୁ ଆଡ଼ଭଟାଇଜ୍‌ମେଣ୍ଟ୍ ହେଇନାହିଁ, ତେଣୁ ରେଗୁଲାର ହୋଇପାରିବ ନାହିଁ। ୨୦୧୪ ମସିହାରୁ ୨୦୨୧ ମସିହା ମଧ୍ୟରେ ଉକ୍ତ କର୍ମଚାରୀଙ୍କ ରେଗୁଲାର ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସିଡିଏମ୍‌ଓମାନଙ୍କୁ ରିପୋର୍ଟ ମାଗିଥିଲେ। ଏକଥା ମଧ୍ୟ ରାଜ୍ୟ ବିଧାନସଭାରେ ଉଠିଥିଲା ମାତ୍ର ସମସ୍ତ ରିପୋର୍ଟକୁ ଚପାଇ ଦିଆଗଲା। ୨୦୧୯-୨୦୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏନ୍.ଏଚ୍.ଏମ୍., ସ୍କିମ୍ ସୋସାଇଟି ଏବଂ ମେଡ଼ିକାଲ୍ କର୍ପୋରେସନ୍‌ରେ ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ପାଇଥିବା ହଜାର ହଜାର ପାରାମେଡ଼ିକ୍ସ କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ଏହି କର୍ମଚାରୀମାନେ ସ୍ୱାସ୍ଥ୍ୟବିଭାଗର ଅନୁମୋଦିତ ନିୟମିତ ଖାଲି ପଦବୀରେ ନିଯୁକ୍ତି ପାଇ ନଥିଲେ। କିନ୍ତୁ ମାତ୍ର ୧୦୪ ଜଣ କର୍ମଚାରୀଙ୍କୁ ବିଭିନ୍ନ ଆଳ ଦେଖାଇ କାହିଁକି ନିଯୁକ୍ତି ଦିଆଯାଉ ନାହିଁ ତାହା ବୁଝାପଡୁନାହିଁ। ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟର ବିଭିନ୍ନ କୁଷ୍ଠ କଲୋନୀର ନିଜେ କୁଷ୍ଠମୁକ୍ତ ବ୍ୟକ୍ତି ଏବଂ ଏମାନଙ୍କର ପିତାମାତା ମଧ୍ୟ କୁଷ୍ଠ ଭିନ୍ନକ୍ଷମରେ ପୀଡ଼ିତ। ନିକଟରେ ଆଇ.ଜି. ପାର୍କଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କର୍ମଚାରୀମାନେ ଏକତ୍ରିତ ହୋଇ ସରକାରଙ୍କର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ସମସ୍ତ କମର୍ଚାରୀ ସରକାରଙ୍କୁ ଏକମାସ ମଧ୍ୟରେ ନିୟମିତ କରିବା ପାଇଁ ପ୍ରେସ୍ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ମନ୍ତ୍ରୀ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ବିଜେଡିର ସାଙ୍ଗଠନିକ ସମ୍ପାଦକ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତ କରାଯାଇ ଏକ ସ୍ମାରକପତ୍ର ତା୦୬/୦୯/୨୦୨୧ରେ ପ୍ରଦାନ କରାଯାଇଛି। ଯଦି ଏକ ମାସ ମଧ୍ୟରେ ଏଭଳି ସମ୍ବେଦନଶୀଳ ଅଭିଯୋଗ ପରେ ସମାଧାନ କରା ନଯାଏ ତେବେ କର୍ମଚାରୀମାନଙ୍କର କୁଷ୍ଠପୀଡ଼ିତ ପିତାମାତାମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ୫-ଟି ସେକ୍ରେଟାରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ବାସଭବନରେ ଭେଟି ବିଭାଗର ଅବହେଳା ବିଷୟରେ ଅବଗତ କରାଇବା ସହିତ ଚାକିରିରେ ନିୟମିତ କରିବା ପାଇଁ ଅନୁରୋଧ କରିବେ। ଯଦି ୧ ମାସ ମଧ୍ୟରେ ଏହାର ସମାଧାନ କରା ନଯାଏ ତେବେ ସମସ୍ତ କର୍ମଚାରୀ ରାଜ୍ୟପାଳଙ୍କଠାରୁ ପାଇଥିବା ପୁରସ୍କାର ରାଜଭବନ ଏବଂ ସ୍ୱାସ୍ଥମନ୍ତ୍ରୀଙ୍କଠାରୁ ପାଇଥିବା ପୁରସ୍କାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଫେରାଇ ଦିଆଯିବ ଏବଂ ଶହଶହ କୁଷ୍ଠପୀଡ଼ିତ ଏବଂ କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ସୂତ୍ରରୁ ପ୍ରକାଶ।

## ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରଥମ ଓଡ଼ିଆ ବାରିଷ୍ଟର ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ୟୁନିଟ୍-୮ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ପ୍ରଫୁଲ୍ଲ ସାମଲ, ସଂଯୋଜକ ଓ ପରିଚାଳକ ଭାବେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି କହିଥିଲେ ଯେ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ଥିଲେ ଏକାଧାରରେ ମା, ମାଟି, ମାତୃଭାଷା ପାଇଁ ସମର୍ପିତ ତଥା ବିଶିଷ୍ଟ ଆଇନ ବିଶାରଦ। ଉତ୍କଳର ସ୍ୱାଧୀନତା ପାଇଁ ତାଙ୍କ ଭୂମିକା ସହିତ, କେନ୍ଦ୍ର ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଭାବରେ ତାଙ୍କର ଭୂମିକା ଅବିସ୍ମରଣୀୟ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରିବାର ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ଆଜିର ଯୁବପିଢ଼ି ତାଙ୍କ ବିଷୟରେ ତଥା ମହାପୁରୁଷଙ୍କ ବିଷୟରେ ଜାଣିବା ଆବଶ୍ୟକ ବୋଲି ଅତିଥି ସମୂହ କହିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭାଦୀପ୍ତ ପ୍ରଫୁଲ୍ଲ ସାମଲଙ୍କୁ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା, ସ୍ୱର୍ଗତ ମିଶ୍ରଙ୍କ ଅଣନାତି ଡ. ସୂର୍ଯ୍ୟ ମିଶ୍ର, ଅରବିନ୍ଦ ତ୍ରିପାଠୀ, ଚିତ୍ତରଞ୍ଜନ ଦାସ, ରମେଶ ଚନ୍ଦ୍ର ପାତାଳ ସିଂ, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା, ବିଜୟୀ ପରିଡ଼ା, ମଦନ ମୋହନ ପାଢ଼ୀ, ସଞ୍ଜୟ ପରିଡ଼ା, ତନ୍ମୟ ସାମନ୍ତରାୟ, ନିରଞ୍ଜନ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ସଂଯୋଜକ ବାପୁ ଓଝା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ବିଜୁଳି ଶୁଳ୍କ ହ୍ରାସ, ବିଜୁଳିକାଟ୍ ବନ୍ଦ ଓ କୃଷିକାର୍ଯ୍ୟରେ ୯୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଉ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟ। ତେଣୁ ବିଦ୍ୟୁତ ଶୁଳ୍କ ପଡ଼ୋଶୀ ରାଜ୍ୟଙ୍କଠାରୁ ଅଧିକ ରହିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ କୁ-ପରିଚାଳନା ଯୋଗୁଁ ବିଦ୍ୟୁତ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋ-ଭୋଲଟେଜ୍ ଓ ବିଦ୍ୟୁତ କାଟ୍ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି। ସରକାର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଯେଉଁ ଦିନଠାରୁ ଘରୋଇ କମ୍ପାନୀ ହାତକୁ ଟେକିଦେଲେ ସେହି ଦିନଠାରୁ ରାଜ୍ୟରେ ବିଜୁଳି ସମସ୍ୟା ଉତ୍କଟ ରୂପ ଧାରଣ କରିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ବିଦ୍ୟୁତ ଶୁଳ୍କ ଘରୋଇ ଗ୍ରାହକଙ୍କଠାରୁ ୟୁନିଟ୍ ପିଛା ୫ ଟଙ୍କା ୨୨ ପଇସା ଆଦାୟ କରାଯାଉଛି। ଜାତୀୟ ହାର ହେଉଛି ୫ ଟଙ୍କା ୧୧ ପଇସା। ଦେଶର ୨୦ଟିରୁ ଅଧିକ ରାଜ୍ୟରେ ବିଦ୍ୟୁତ ଶୁଳ୍କ ଓଡ଼ିଶାଠାରୁ ଯଥେଷ୍ଟ କମ୍ ରହିଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ହରିଆଣା, ଅରୁଣାଞ୍ଚଳ ପ୍ରଦେଶ ପ୍ରଭୃତି ଅନ୍ତର୍ଭୁକ୍ତ। ତେବେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଦର ୪ ଟଙ୍କା ୫୬ ପଇସା, ତେଲେଙ୍ଗାନାରେ ୪ ଟଙ୍କା ୭୯ ପଇସା, ଛତିଶଗଡ଼ରେ ୩ ଟଙ୍କା ୭୭ ପଇସା, ଝାଡ଼ଖଣ୍ଡରେ ୩ ଟଙ୍କା ୪ ପଇସା, ବିହାରରେ ୪ ଟଙ୍କା ୫୨ ପଇସା ଓ ମଧ୍ୟ ପ୍ରଦେଶରେ ୩ ଟଙ୍କା ୬୪ ପଇସା। ତେଣୁ ରାଜ୍ୟ ସରକାର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି ଶୁଳ୍କ ହ୍ରାସ କରିବା ସହିତ ନିୟମିତ ବିଦ୍ୟୁତ ଯୋଗାଣ ଏବଂ ଚାଷ କାର୍ଯ୍ୟ ପାଇଁ କୃଷକମାନଙ୍କୁ ୯୦ ପ୍ରତିଶତ ରିହାତିରେ ବିଦ୍ୟୁତ ଯୋଗାଇଦିଅନ୍ତୁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଦାବୀ କରିଛନ୍ତି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯାଜପୁରର ଅଗ୍ରଣୀ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଭୁବନେଶ୍ୱର ସ୍ଥିତ ଅହଲ୍ୟା ହସ୍‌ପିଟାଲ ମିଳିତ ଆନୁକୁଲ୍ୟରେ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ କରଣ ଏବଂ ଦାତବ୍ୟରେ ଚଷମା ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ୧୩ ଜଣ ମୋତିଆ ବିନ୍ଦୁ ଚିହ୍ନଟକରଣ ହୋଇ ଭୁବନେଶ୍ୱରର ଅହଲ୍ୟା ହସ୍‌ପିଟାଲକୁ ଅସ୍ତ୍ରୋପଚାର ନିମନ୍ତେ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅତିଥିରୂପେ ଦଶରଥପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ନନ୍ଦିପୁର ଗ୍ରାମ ସେବାସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର, ବିରୁହାଁ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଅନ୍ୱେଷଣ ଥିଏଟର ଗ୍ରୁପର ଉପସଭାପତି ସୁବାସ ଚନ୍ଦ୍ର ଦେବତା, ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ତଥା ଅନ୍ୱେଷଣର ଉପଦେଷ୍ଟା ହରିହର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକମାନଙ୍କୁ ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ଉପେନ୍ଦ୍ର କୁମାର ଜେନା, କୋର କମିଟିର ଅଧ୍ୟକ୍ଷ ଏସ୍‌କେ ସାଜିଦ୍ (ଚାନ୍ଦ ବାବୁ), ସାମ୍ବାଦିକ ସନ୍ତୋଷ ମିଶ୍ର, ତାରାକାନ୍ତ ମଲ୍ଲିକ, ସମରଜିତ୍ ମହାନ୍ତି, ସୁରଜ କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ବେହେରା, ଗୌତମ ବିକାଶ ମହାନ୍ତି, ଭରତ ଚନ୍ଦ୍ର ବେହେରା, ରଂଜନ କୁମାର ବେହେରା, ବିରଞ୍ଚିବାସୁଦେବ ନନ୍ଦ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜ୍ୟୋତି ରଂଜନ ପୁହାଣ, ମାମାଲି ସାହୁ, ତପସ୍ୱିନୀ ମଲ୍ଲିକ, ବର୍ଷାପ୍ରିୟଦର୍ଶନୀ ଖୁଣ୍ଟିଆ, ସବିତା ରାଣି ମିଶ୍ର, ପ୍ରତ୍ୟୁଷ ମହାନ୍ତି, ସୁକାନ୍ତ ରାଉତ, ନିରଂଜନ ରାଉତ, ଆଦିକନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ବିରୁହାଁ ପଞ୍ଚାୟତ ବିଶିଷ୍ଟ ସମାଜସେବୀ ସୁଦାମ ଚରଣ ପଣ୍ଡା, ସମିତି ସଭ୍ୟ ଲକ୍ଷ୍ମୀଧର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ (ଜଡା), ଦେବେନ୍ଦ୍ର କର, ଦେବେନ୍ଦ୍ର ଦାସ, ନାଏବ ସରପଞ୍ଚ ପ୍ରଦ୍ୟୁମ୍ନ ରାଉତ, ରାଜେନ୍ଦ୍ର ମଲ୍ଲିକ, ଅରବିନ୍ଦ ସୁନ୍ଦର ସାହୁ, ଅଭୟ କୁମାର ଧଳ, ନିରଂଜନ ରାଉତ, ଉମେଶ ମହାନ୍ତି, ଜଗବନ୍ଧୁ ଜେନା, ଜିତେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ପରିଚାଳନା କରିଥିଲେ ଏବଂ ଆଗାମୀ ଦିନରେ ସମାଜରେ ସେବା କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ।

# ପିଲାଙ୍କ ଯକ୍ଷ୍ମାରୋଗ

ଟ୍ୟୁବରକ୍ଲୋସିସ୍ ବା ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ପାଞ୍ଚବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି। ପିଲାମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ। ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସଞ୍ଚରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇପାରେ ଯାହାକି ଅତି ବିରଳ। ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ। ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସ୍‌ଫୁସ୍‌ରେ ଦେଖାଦେଇଥାଏ। ତା'ପରେ ଲସିକାବାହିନୀର ପ୍ରଦାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ। ପିଲାଟି ୩-୪ ବର୍ଷ ବୟସ ହୋଇଥିଲେ ତାର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ସମ୍ଭାବନା ଅଧିକ। ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ। କେତେକ କ୍ଷେତ୍ରରେ ପିଲାମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ୍ୟ ପ୍ରାଥମିକ ସଂକ୍ରମଣ ହୋଇପାରେ। ପିଲାମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ। ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗଣ୍ଠି, ବୃକକ୍‌ରେ ମଧ୍ୟ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ। ତେବେ ଶତକଡ଼ା ୪୧ ଭାଗ କେବଳ ଛାତି ଭିତରେ ହିଁ ପିଲାମାନଙ୍କୁ ଯକ୍ଷ୍ମାର ଯନ୍ତ୍ରଣା ଦେଇଥାଏ। ଶିଶୁ ବା ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ। ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ୍ୟ ହୋଇଥାଏ। କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଳୀହା ବୃଦ୍ଧି ହୋଇଥାଏ। ସାଧାରଣ ଡାକ୍ତରଙ୍କ ଷ୍ଟେଥସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ। ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ। କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ। ଏହା ପିଲାମାନଙ୍କର ଆବଡୋମିନାଲ ଟ୍ୟୁବରକ୍ଲୋସିସ୍। ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗଣ୍ଠିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍ ଜଏଣ୍ଟ, ନି ଜଏଣ୍ଟ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ୍ୟ ଦେଖାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଯକ୍ଷ୍ମା ଦିବସର ବାର୍ତ୍ତା ରଖିଛି - 'ଏକାଠି ହେବା ଟିବି ଦୂରେଇ ଦେବା'। ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ। ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ। ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଣ୍ଟି, ମସ୍ତିଷ୍କ, ପେଟ ପ୍ରମୁଖ। ପିଲାମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି ସଂଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ। ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା। ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ। କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ। ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ। ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା। ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ। ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ। ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ। ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣର ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡିଓଟି ବା ଡାଇରେକ୍ଟଲି ଅବଜରଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ କେମୋଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ। ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ। ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଳା କରନ୍ତୁ ନାହିଁ। ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ। ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉତ୍ତମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ। ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ। କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟ୍‌କା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ। ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ। ବିଶ୍ୱରେ ଅଧିକ ସଂଖ୍ୟଙ୍କ ପିଲା ଏହି ଟିବି ରୋଗର ସହଜ ଆକ୍ରାନ୍ତ ହେଉଥିଲେବି ଭାରତ ପରି ବିକାଶଶୀଳ ଦେଶରେ କେବଳ ବିଶ୍ୱରେ ଯେଉଁଠି ବର୍ଷକୁ ୯୦ଲକ୍ଷ ଟିବି ରୋଗୀ ରହିଛନ୍ତି ସେଥିରୁ ଭାରତରେ ୨୩ଲକ୍ଷ। ଆସନ୍ତୁ ଆଜି ବିଶ୍ୱ ଟ୍ୟୁବରକ୍ଲୋସିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା ସହ ଏକମତ ହୋଇ ଏହାକୁ ଦୂରେଇବା ପାଇଁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା।

## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ଉଦଯାପିତ

ପାରାଦୀପ,(ପି.ଏନ): ବନ୍ଦର ନଗରୀ ପାରାଦ୍ୱୀପର ଜୟଦେବ ସଦନ ଠାରେ କ୍ୟାନମାସ ଦ୍ୱାରା ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ ବୁଧବାର ମାର୍ଚ୍ଚ ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ନୂଆଦିଲ୍ଲୀ ର ସକ୍ଷମ୍ ଥିଏଟର ଗ୍ରୁପ ର କଳାକାରମାନେ ସୁନିଲ ରାୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତଥିଲା । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତ୍ତିର ବିଷୟବସ୍ତୁକୁ ସ୍ପର୍ଶ କରିଥିଲା । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପରିଚ଼ାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ । ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚ଼ାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି । ନିର୍ବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚ଼ନ ଦେଉଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday March 28 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୨୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ସ୍ଥାନୀୟ ବ୍ୟବସାୟୀଙ୍କ ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ ନେଇ କିଟ୍ ଓ ୱାଶିଂଟନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମିଳିତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ): ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରକଳ୍ପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଇତି ମଧ୍ୟରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏକ ପ୍ରକଳ୍ପ ଉପରେ ଆଲୋଚନା କରିଛନ୍ତି । ଏହି ଉଦ୍ୟୋଗୀଙ୍କ ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସେମାନେ ଆଲୋଚନା କରିଥିଲେ ।ତଥ୍ୟ-ସମର୍ଥିତ ସୁପାରିଶ ଓ ବିଶ୍ୱବ୍ୟାପୀ ସେଗୁଡ଼ିକର ଅନୁଶୀଳନଠାରୁ ବ୍ୟବସାୟୀମାନେ କିଭଳି ଉପକୃତ ହୋଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ଫଳରେ ଏହା ଦ୍ୱାରା ସମସ୍ତ ହିତାଧିକାରୀ ଉପକୃତ ହୋଇପାରିବେ ।ଏହା ସହିତ ସ୍ଥାନୀୟ ତଥ୍ୟ ଜରିଆରେ ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରାସଙ୍ଗିକ ସମସ୍ୟାର ସମାଧାନ କ୍ଷମତାକୁ ଆହୁରି ବୃଦ୍ଧି କରିପାରିବେ । ଏହା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକୁ ପାରମ୍ପରିକ ବିନିମୟ କାର୍ଯ୍ୟକ୍ରମ ଧାରଣାରୁ ଆଗକୁ ବଢ଼ିବା ଏବଂ ବାସ୍ତବ-ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦେଉଥିବା ସହଯୋଗୀ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ ।ଏହି ସହଯୋଗିତାକୁ ପ୍ରଶଂସା କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶିକ୍ଷାର ଅନ୍ତର୍ଜାତୀୟକରଣ ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣକୁ ମଧ୍ୟ ପ୍ରଦର୍ଶିତ କରେ ବୋଲି କହିଛନ୍ତି । କିଟ୍ ଓ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ମଧ୍ୟରେ ଏହି ସହଭାଗିତାର ସଫଳତା ବିଶ୍ୱର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ ନିଆଯାଇପାରେ ବୋଲି ସେ କହିଛନ୍ତି ।



# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ଉଦଯାପିତ

ଭୁବନେଶ୍ୱର,(ପି.ଏନ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ ଗତ କାଲି ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତ୍ତିର ବିଷୟବସ୍ତୁକୁ ସ୍ପର୍ଶ କରେ । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପରିଚ଼ାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ । ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚ଼ାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି । ନିର୍ବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚ଼ନ ଦେଉଛନ୍ତି । ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି । ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି । କୁଣେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି । ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚ଼ିତ ହୁଅନ୍ତି । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ପଲିଟିକାଲ ବିଜନେସ ଡେଲିର ରେସିଡେଣ୍ଟ ଏଡିଟର ବିଜୟ ମିଶ୍ର, ପାରାଦୀପ ମୁନିସିପାଲିଟୀର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପି ପି ଏଲ ୟୁନିଟ ହେଡ ପାଳନିସମୀ ଭେଲୁସମୀ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ନିଲାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ, ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ ଶୋଣ୍ଡି, ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ତଥା କାନମାସର ମିଡ଼ିଆ ସଂଯୋଜକ ନୀରୋଜ୍ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ । ପରିଶେଷରେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପୂର୍ବତନ ସରପ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପ ।ୟତର ପୂର୍ବତନ ସରପ ସ୍ୱର୍ଗତା ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ଦ୍ୱାଦଶାହରେ ସ୍ଥାନୀୟ ଈଶାଣେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ କଂସାର ସରପ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ୱର୍ଗତା ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ମନ୍ତ୍ରୀ ଶ୍ରୀ ନାୟକ କହିଲେ ସ୍ୱର୍ଗତା ପଣ୍ଡା କଂସାର ପ ।ୟତର ସରପ ଥିବା ସମୟରେ ବହୁବିଧ ଉନ୍ନତି କରିଥିଲେ । ଜଣେ ଜନପ୍ରତିନିଧି ଭାବେ ସେ କେବଳ କଂସାର ପ ।ୟତ ନୁହେଁ ସମଗ୍ର ଜିଲ୍ଲାରେ ବେଶ୍ ଲୋକପ୍ରିୟ ଥିଲେ । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲାପରିଷଦ ସଭାପତି ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ ଓ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ରଶ୍ମୀ ରଞ୍ଜନ ରାଉତ, ବ୍ଲକ ଅଧ୍ୟକ୍ଷ ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ଯୁବନେତା ରାଜେଶ ପଣ୍ଡା, ରାଜନେତା ରବି ସାମଲ, ଅମ୍ବିକା ପ୍ରସାଦ ପରିଡା, ସୁରେନ୍ଦ୍ର ଜେନା, ସାମାଜସେବୀ ରଞ୍ଜିତ ସାହୁ, ଯୁବନେତା ରାଜେଶ ଦାସ, ସାମ୍ବାଦିକ ପରେଶ ଦାସ ଓ ସୋମନାଥ ସାହୁ, ମଧୁମତୀ ଅଗ୍ରୱାଲ, ଧିରେନ ସାହୁ, କାଉନ୍‌ସିଲର କାଳୀପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ପ୍ରଶାନ୍ତ କୁମାର ସିଂ, ପୂର୍ବତନ ସରପ ପ୍ରଦ୍ୟୁମ୍ନ କୁମାର ଜେନା, ବିଜେଡି ନଗର ସଭାପତି ଯଯାତି କେଶରୀ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ବିଜୟ ପତି, ଓସ୍ତପୁର ସରପ ପ୍ରଶନ୍ନ କୁମାର ରାଉତଙ୍କ ସମେତ ସ୍ୱର୍ଗତା ପଣ୍ଡାଙ୍କ ସ୍ୱାମୀ ରବିନ୍ଦ୍ର କୁମାର ପଣ୍ଡା, ଝିଅ ଜ୍ୱାଇଁ, ନାତିନାତୁଣୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



# ସାମ୍ବାଦିକଙ୍କ ପିତା ଶିକ୍ଷାବିତ୍ ସ୍ୱର୍ଗତ ବାଇଧର ମହାପାତ୍ରଙ୍କ ଦ୍ୱାଦଶାହ କ୍ରିୟାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଧାମନଗର ,(ପି.ଏନ): ଧାମନଗର ଏନ ଏ ସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଶ୍ୟାମପୁର ଗ୍ରାମର ସାମ୍ବାଦିକ ଦୀନକୃଷ୍ଣ ମହାପାତ୍ରଙ୍କ ବାପା ତଥା ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବାଇଧର ମହାପାତ୍ରଙ୍କ ବାସଭବନ ପରିସରରେ ଦ୍ୱାଦଶାହ କ୍ରିୟାରେ ଅତିଥି ମାନେ ଯୋଗ ଦେଇ ତାଙ୍କ ଫଟୋ ଚ଼ିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଗତ ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ନଗର ବିଜେଡି ସଭାପତି ଶୁଶାନ୍ତ କୁମାର ରାଉତ,ସାମ୍ବାଦିକ କୃଷ୍ଣ ଚ଼ନ୍ଦ୍ର ଜେନା,ପ୍ରଦୀପ ମହାପାତ୍ର,ପ୍ରମୋଦ କୁମାର ସ୍ୱାଇଁ,ବିଜୟ କୁମାର ରାମ,ବିବେକାନନ୍ଦ ପଣ୍ଡା,ଦୁର୍ଗାପ୍ରସାଦ ମହାପାତ୍ର,ସରୋଜ ସେଠୀ,ସଂଜୀବ ମହାନ୍ତିଙ୍କ ସମେତ ବହୁ ଶିକ୍ଷକ,ସମାଜସେବୀ, ବୁଦ୍ଧିଜୀବୀ,ଆଇନଜୀବୀ, ସାମ୍ବାଦିକ ବନ୍ଧୁ ଓ ଶୁଭେଚ୍ଛୁ ମାନ୍ୟଗଣ୍ୟ ବ୍ୟକ୍ତି



# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ଉଦଯାପିତ

ଭୁବନେଶ୍ୱର, (ପି.ଏନ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ ଗତ କାଲି ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତ୍ତିର ବିଷୟବସ୍ତୁକୁ ସ୍ପର୍ଶ କରେ । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପରିଚ଼ାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ । ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚ଼ାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି । ନିର୍ବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚ଼ନ ଦେଉଛନ୍ତି । ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି । ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି । କୁଣେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି । ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚ଼ିତ ହୁଅନ୍ତି । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ପଲିଟିକାଲ ବିଜନେସ ଡେଲିର ରେସିଡେଣ୍ଟ ଏଡିଟର ବିଜୟ ମିଶ୍ର, ପାରାଦୀପ ମୁନିସିପାଲିଟୀର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପି ପି ଏଲ ୟୁନିଟ ହେଡ ପାଳନିସମୀ ଭେଲୁସମୀ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ନିଲାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ, ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ ଶୋଣ୍ଡି, ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ତଥା କାନମାସର ମିଡ଼ିଆ ସଂଯୋଜକ ନୀରୋଜ୍ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ । ପରିଶେଷରେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray